# ବିବାହ ବନ୍ଧନ ସଂକ୍ରାନ୍ତୀୟ

## ହଜରତ ଖଲିଫତୁଲ୍ ମସିହ ପଞ୍ଚମ[ଅ.ବ] ଙ୍କର

# ଦୁଇଟି ଗୁରୁତ୍ୱପୂର୍ଣ୍ଣ ଖୁତ୍‌ବା

ପ୍ରକାଶକ:
ନଜାରତ୍ ନଶ୍ରୋ ଇଶାଅତ୍
କାଦିୟାନ

# ବିବାହ ବନ୍ଧନ ସଂକ୍ରାନ୍ତୀୟ ହଜରତ ଖଲିଫତୁଲ୍ ମସିହ ପଞ୍ଚମ [ଅ.ବ] ଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଖୁତ୍‌ବା

ପ୍ରକାଶକ:
ନଜାରତ୍ ନଶ୍‌ରୋ ଇଶାଅତ୍
କାଦିୟାନ

# ବିବାହ ବନ୍ଧନ ସଂକ୍ରାନ୍ତୀୟ ହଜରତ ଖଲିଫତୁଲ୍ ମସିହ ପଞ୍ଚମ ଅ.ବ ଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଖୁତ୍‌ବା


ପ୍ରକାଶକ : ନଜାରତ୍ ନଶ୍‌ରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା
କାଦିୟାନ ଜିଲ୍ଲା : ଗୁରଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬
ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)
ପ୍ରକାଶନ ବର୍ଷ : ୨୦୨୧, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)


**BIBAHA BANDHANA SANKRANTIYA HAZRAT KHALIFATUL MASIH PANCHAMANKARA DUITI GURUTWAPURNNA KHUTBA**

TWO IMPORTANT SERMONS REGARDING MATRIMONIAL MATTERS


Published by : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516
Year of Publication : 2021 First Edition in Odia (1000 copies)
Printed at : Fazle Umar Printing Press, Qadian (India)

# ଆଭିମୁଖ୍ୟ

## ପ୍ରକାଶକଙ୍କ ମନ୍ତବ୍ୟ

୨୦୧୯ ମସିହାରେ ମଜଲିସେ ଶୁରାରେ ଗୋଟିଏ ପରାମର୍ଶ ଉପସ୍ଥାପିତ ହୋଇଥିଲା, ଯେ ହଜୁର ଅନଓ୍ୱର [ଅ.ବ]ଙ୍କ ପ୍ରଦତ୍ତ ଖୁତବା ଜୁମା ୨୪ ଫେବୃଆରୀ ୨୦୦୪ ମସିହା ଓ ୧୫ ଜାନୁଆରୀ ୨୦୧୦ ମସିହା ଯାହାକି ବିବାହ ବନ୍ଧନ ପ୍ରସଙ୍ଗରେ ଥିଲା, ତାହାକୁ ଭାରତର ସେହି ସମସ୍ତ ଆଞ୍ଚଳିକ ଭାଷାରେ ଅନୁବାଦ କରି ପ୍ରକାଶିତ କରାଯାଉ, ଯେଉଁ ଜମାଅତଗୁଡ଼ିକର ସଦସ୍ୟଙ୍କ ସଂଖ୍ୟା ବେଶ ଅଧିକ ରହିଛି ।

ଏହି ପରାମର୍ଶକୁ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଅନୁଗ୍ରହ ପୂର୍ବକ ସ୍ୱୀକୃତି ପ୍ରଦାନ କରିଥିଲେ ।

ବସ୍ତୁତଃ ମଜଲିସେ ଶୁରା ଭାରତର ସ୍ୱୀକୃତି ଲାଭ କରିଥିବା ପରାମର୍ଶାନୁଯାୟୀ ନଜାରତ୍ ନଶରୋ ଇଶାଅତ୍ କାଦିୟାନ ସୟଦନା ହଜୁର ଅନଓ୍ୱର [ଅ.ବ]ଙ୍କ ପ୍ରଦତ୍ତ ସେହି ଖୁତବାଦ୍ୱୟକୁ ପୁସ୍ତକ ରୂପେ ପ୍ରକାଶ କରିବାର ସୌଭାଗ୍ୟ ଅର୍ଜନ କରୁଅଛି । ଏହି ପୁସ୍ତକ ପ୍ରସ୍ତୁତିରେ ଯେଉଁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାହାଯ୍ୟ ସହଯୋଗ କରିଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ତାହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହି ପୁସ୍ତକ ଜମାଅତର ସଦସ୍ୟବୃନ୍ଦଙ୍କୁ ସଂସ୍କାରୀ କରିବାରେ ସର୍ବୋତ୍ତମ ମାଧ୍ୟମ ସାଜୁ । ଆମିନ୍ ।

ନାଜିର୍ ନଶରୋ ଇଶାଅତ୍ କାଦିୟାନ୍

ବିବାହ ଯୋଗ୍ୟ ବିଧବା, ଯୁବକ ଏବଂ ଯୁବତୀମାନଙ୍କର ବିବାହ କରାଇବା ପ୍ରତି ଧ୍ୟାନ ଦେବା ଆମ ସମାଜର କର୍ତ୍ତବ୍ୟ ।

ଅହେମଦି ବାଳକ ଏବଂ ବାଳିକାମାନଙ୍କର ବିବାହ ପରସ୍ପର ମଧ୍ୟରେ କରାଯାଉ । ଯଦ୍ୱାରା ଆଗାମୀ ବଂଶଧରମାନେ ଧର୍ମ ଉପରେ ପ୍ରତିଷ୍ଠିତ ରହିବେ ।

[ବିଧବା ଏବଂ ବିବାହ ଯୋଗ୍ୟ ଯୁବକ, ଯୁବତୀଙ୍କର ବିବାହ କରାଇବା ପ୍ରସଙ୍ଗରେ ପବିତ୍ର କୁରଆନ, ଆହଦିସେ ନବଓ୍ୱୀ ଓ ହଜରତ ଅକଦସ୍ ମସିହ୍ ମଉଦ [ଅ.ସ]ଙ୍କ ବାଣୀକୁ ଆଧର କରି ବିଶେଷ ତାଗିଦ୍‌ମୂଳକ ଉପଦେଶ ।]

(ଖୁତବା ଜୁମା ହୁଜୁର ଅନଓ୍ୱର ଅ.ବ ସୟେଦିନା ଅମୀରୁଲ୍ ମୁମିନୀନ୍ ହଜରତ ମିର୍ଜା ମସରୁର ଅହେମଦ ଖଲିଫତୁଲ ମସିହ ପଞ୍ଚମ[ଅ.ବ.ଅ] ପ୍ରଦତ୍ତ ୨୪ ଡ଼ିସେମ୍ବର ୨୦୦୪ ମସିହା / ୨୪ ଫତହ୍ ୧୩୮୩ ହିଜ୍ରୀ ଶମଶୀ, ସ୍ଥାନ ମସଜିଦ୍ ବୈତୁସ୍ ସଲାମ୍, ପ୍ୟାରିସ୍ - ଫ୍ରାନ୍‌ସ)

أَشْهَدُ أَنْ لَّا إِلٰہَ اِلَّا اللّٰہُ وَحْدَہٗ لَا شَرِیکَ لَہٗ وَأَشْهَدُ أَنَّ مُحَمَّدًا عَبْدُہٗ وَ رَسُوْلُہٗ۔ أَمَّا بَعْدُ
فَأَعُوْذُ بِاللّٰہِ مِنَ الشَّیْطٰنِ الرَّجِیْمِ- بِسْمِ اللّٰہِ الرَّحْمٰنِ الرَّحِیْمِ ۔
اَلْحَمْدُ لِلّٰہِ رَبِّ الْعَالَمِیْنَ۔اَلرَّحْمٰنِ الرَّحِیْمِ۔مٰلِکِ یَوْمِ الدِّیْنِ۔ اِیَّا کَ نَعْبُدُ وَ اِیَّاکَ نَسْتَعِیْنُ۔
اِھْدِنَا الصِّرَاطَ الْمُسْتَقِیْمَ۔ صِرَاطَ الَّذِیْنَ اَنْعَمْتَ عَلَیْھِمْ غَیْرِالْمَغْضُوْبِ عَلَیْھِمْ وَلَاالضَّآلِّیْنَ ۔
وَاَنْکِحُوْا الْاَیَامٰی مِنْکُمْ وَالصّٰلِحِیْنَ مِنْ عِبَادِکُمْ وَاِمَآئِکُمْ۔اِنْ یَّکُوْنُوْا فُقَرَآئَ یُغْنِھِمُ اللّٰہُ
مِنْ فَضْلِہٖ۔ وَاللّٰہُ وَاسِعٌ عَلِیْمٌ۔

ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାଃହୁ ଓ୍ୱହ୍‌ଦହୁ ଲା ଶରିକା ଲହୁ ଓ୍ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବଦୁହୁ ଓ୍ୱ ରସୁଲୁହୁ ଅମ୍ମା ବାଦୁଫାଉଜୁ ବିଲ୍ଲାହି ମିନଶ୍ ଶୈତାନ୍ ନିରରଜିମ୍ ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ ।

ଅଲ୍‌ହମଦୁ ଲିଲ୍ଲାଃହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ହିମ୍ ମାଲିକି ୟୌମିଦ୍ଦିନ୍ ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍ତଇନ୍ ଇହ୍‌ଦିନସ୍ ସିରତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅ ମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଜୁବି ଅଲୈହିମ୍ ଓ୍ୱଲଜ୍ୱାଲ୍ଲିନ୍ ।

ଓ୍ୱଅନ୍‌କିହୁଲ୍ ଅୟ୍ୟାମା ମିନ୍‌କୁମ୍ ଓ୍ୱସ୍‌ସାଲିହିନା ମିନ୍ ଇବାଦିକୁମ୍ ଓ୍ୱ ଇମାଇକୁମ୍ ଅଇଁ ୟକୁନୁ ଫୁକରାଆ ୟୁଗନିହିମୁଲ୍ଲାଃହୁ ମିନ୍ ଫଜ୍‌ଲିହି ଓ୍ୱଲ୍ଲାଃହୁ ଓ୍ୱାସିଉନ୍ ଅଲିମ୍ । (ନୁର୍ 24:33)

ଆଜିକାଲି ବିବାହ ସଂପର୍କିତ ଅନେକ ସମସ୍ୟା ସାମନାକୁ ଆସୁଛି । ଦୈନିକ ପତ୍ରରେ ଏସବୁର ଚର୍ଚ୍ଚା ଦେଖିବାକୁ ମିଳୁଛି । ଯୁବତୀ ଏବଂ ମହିଳାମାନଙ୍କ ବିବାହ ପ୍ରସଙ୍ଗରେ ସମସ୍ୟାମାନ ଦେଖାଦେଉଛି ଯେଉଁମାନଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ ସେମାନଙ୍କ ବିବାହ ପ୍ରସଙ୍ଗରେ ଏବଂ ବିଧବାମାନଙ୍କର ପୁନଃବିବାହରେ ସମସ୍ୟା ଉପୁଯୁଛି । ଏଭଳି କେତେକ ବିଧବା ଅଛନ୍ତି ଯେଉଁମାନେ ବିବାହ ଯୋଗ୍ୟ କିମ୍ବା ଅନ୍ୟ କେତେକ ମହିଳା ଅଛନ୍ତି ଯେଉଁମାନେ ନିଜର ସୁରକ୍ଷା ପାଇଁ ବିବାହ କରାଇବାକୁ ଇଚ୍ଛୁକ, କିନ୍ତୁ ସେମାନଙ୍କର ବିବାହ ହେବା ଏକ ପ୍ରମୁଖ ସମସ୍ୟା ।

କିନ୍ତୁ ଏଭଳି ବିଧବାମାନେ ବେଳେବେଳେ ସମାଜର ସଂକୀର୍ଣ୍ଣ ଚିନ୍ତାଧାରା ଯୋଗୁଁ ଭୟଭୀତ ହୋଇ ଯାଆନ୍ତି ଏବଂ ସେମାନେ ବୁଝିବା ସତ୍ତ୍ୱେ ଯେ ଆମମାନଙ୍କୁ ବିବାହ କରିବାର ଆବଶ୍ୟକତା ରହିଛି, ସେମାନେ ବିବାହ କରନ୍ତି ନାହିଁ । ସେ ଯାହା ହେଉ ନା କାହିଁକି ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ପ୍ରକାରର ନିଜସ୍ୱ ସମସ୍ୟା ରହିଛି । ବର୍ତ୍ତମାନ ମୁଁ ଆମ ପୂର୍ବସ୍ଥ ଦେଶମାନଙ୍କର ବିଧବା ମହିଳାମାନଙ୍କ ପ୍ରସଙ୍ଗରେ ଚର୍ଚ୍ଚା କରିବି ଯେଉଁ ଠାରେ ବିଧବାମାନଙ୍କର ପୁନଃବିବାହକୁ ଅଶୁଭ ବିଚାର କରାଯାଏ ବରଂ ଯଦି ଜଣେ ମହିଳା ବିଧବା ହୋଇଯାଏ ତେବେ ତାହାର ଦ୍ୱିତୀୟ ବିବାହ କରିବାକୁ ପାପ ବୋଲି ବିବେଚିତ କରାଯାଏ । ଯେପରି ମୁଁ କହିଲି, ଅନେକ ନିରୀହ ମହିଳା ଏହି ପରିସ୍ଥିତିର ଚାପ ଯୋଗୁଁ ବାହା ହେବାକୁ ତ' ଇଚ୍ଛା ପ୍ରକାଶ କରନ୍ତି ଏବଂ ସେମାନଙ୍କର ବିବାହ ସ୍ଥିର ମଧ୍ୟ ହୋଇଯାଏ କିନ୍ତୁ ସେମାନଙ୍କ ସଂପର୍କୀୟମାନେ ଏହି ପ୍ରସଙ୍ଗକୁ ମହାପାପ ମଣିଥାନ୍ତି ଏବଂ ସେମାନଙ୍କୁ ଏଭଳି ଟାହିଟାପରା କରନ୍ତି ଯେ, ଅବଳା ନାରୀଟିକୁ ହତାଶ କରି ଦିଅନ୍ତି । ଯଦ୍ୱାରା ସେ ନିଜ ଜୀବନରୁ ହିଁ ରୁଷ୍ଟ ହୋଇଯାଇଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏଠାରେ ୟୁରୋପକୁ ଆସି ଲୋକେ ଯେଉଁଠି ଅନ୍ୟ ପ୍ରସଙ୍ଗରେ ଉଜ୍ୱଳ ଚିନ୍ତାଧାରାର ଆଖ୍ୟା ଦେଇ ଅନେକ ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇଯାଆନ୍ତି, ଯହିଁରେ କେତେକ ପ୍ରସଙ୍ଗ ସଂପର୍କରେ ଇସଲାମ ସେମାନଙ୍କୁ ଅନୁମତି ହିଁ ଦେଇ ନଥାଏ । କିନ୍ତୁ ଅଲ୍ଲାଃତାଲାଙ୍କର ଯେଉଁ ଆଦେଶ ରହିଛି ଯେ, ବିଧବାମାନଙ୍କର ବିବାହ କରାଅ, ସେ ସଂପର୍କରେ ସେମାନେ ଆତ୍ମାଭିମାନ ପ୍ରଦର୍ଶନ କରନ୍ତି ।

ପୂର୍ବ ପୃଷ୍ଠାରେ ମୁଁ ଯେଉଁ ଆୟତର ଆବୃତ୍ତି କରିଆସିଲି ସେ ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ କୁହନ୍ତି ଯେ, "ଏବଂ ତୁମମାନଙ୍କ ମଧ୍ୟରେ ଯେଉଁମାନେ ବିଧବା ତଥା ତୁମମାନଙ୍କ ଦାସ ଓ ଦାସୀମାନଙ୍କ ମଧ୍ୟରେ ଯେଉଁମାନେ ଚରିତ୍ରବାନ୍, ସେମାନଙ୍କୁ ଆପୋସରେ ବିବାହ କରାଇ ଦିଅ; ଯଦି ସେମାନେ ଦରିଦ୍ର ହୋଇଥାଆନ୍ତି, ତେବେ ଅଲ୍ଲାଃତାଲା ନିଜ କୃପା ବଳରେ ସେମାନଙ୍କୁ ଧନବାନ କରିଦେବେ ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ଦାନଶୀଳ ଓ ସର୍ବଜ୍ଞ" ଏହା ହିଁ ହେଉଛି ଅଲ୍ଲାଃତାଲାଙ୍କର ଆଦେଶ ଯାହା ଉପରେ ପ୍ରତ୍ୟେକ ଧର୍ମବିଶ୍ୱାସୀଙ୍କୁ ଅମଳ କରିବା ଉଚିତ । ଅଲ୍ଲାଃତାଲା ତ' ଅତ୍ୟନ୍ତ ସ୍ପଷ୍ଟ ଭାବରେ କୁହନ୍ତି ଯେ, ସମାଜରେ ଯଦି

ପୁଣ୍ୟର ପ୍ରଚାର ପ୍ରସାର କରିବାର ଅଛି ତେବେ ସମାଜରେ ଯେଉଁ ବିବାହ ଯୋଗ୍ୟ ବିଧବାମାନେ ରହିଛନ୍ତି, ସେମାନଙ୍କର ବିବାହ କରାଇବାକୁ ଚେଷ୍ଟା କର । ପୂର୍ବ କାଳରେ ଯେଉଁ ଦାସଦାସୀମାନେ ଥିଲେ ତନ୍ମଧ୍ୟରୁ ଯେଉଁମାନେ ପୁଣ୍ୟ ସ୍ୱଭାବର, ସେମାନଙ୍କର ମଧ୍ୟ ବିବାହ କରାଅ, ଯଦ୍ୱାରା ସମାଜରେ କୁସଂସ୍କାର ପରିବ୍ୟାପ୍ତ ହେବ ନାହିଁ । ଏହି ଜାତି ଅର୍ଥାତ ଦରିଦ୍ରବର୍ଗ ମଧ୍ୟ ହତୋତ୍ସାହିତ ହେବେ ନାହିଁ । ସୁତରାଂ ଏହା ହିଁ ହେଉଛି ସେହି ଆଦେଶ ଯାହାକୁ ପାଳନ କରିବାକୁ ଅଲ୍ଲାଃତାଲା ଆମମାନଙ୍କୁ ଆଦେଶ ଦେଇଛନ୍ତି । ସାଂପ୍ରତିକ ଯୁଗରେ ତ’ ଅବଶ୍ୟ ଦାସତ୍ୱ ପ୍ରଥା ନାହିଁ, କିନ୍ତୁ ଅନେକ ଦେଶରେ ବର୍ତ୍ତମାନ ମଧ୍ୟ ଦାରିଦ୍ର୍ୟତା ରହିଛି ଏବଂ ଏହି ଦାରିଦ୍ର୍ୟତା ଯୋଗୁଁ ଅନେକ ପୁଅ ଝିଅଙ୍କର ବିବାହ ହୋଇପାରୁ ନାହିଁ । ସୁତରାଂ ଏ କ୍ଷେତ୍ରରେ ଜମାଅତ ସେମାନଙ୍କ ସାହାଯ୍ୟ କରିଥାଏ ଏବଂ ବ୍ୟକ୍ତିଗତ ରୂପେ ମଧ୍ୟ ଲୋକମାନେ ସାହାଯ୍ୟ କରନ୍ତି ଏବଂ କରିବା ମଧ୍ୟ ଉଚିତ । କିନ୍ତୁ ଅଲ୍ଲାଃତାଲା ତ’ ଏହା କହି ନାହାନ୍ତି ଯେ, ଦାରିଦ୍ର୍ୟ ଯୋଗୁଁ ସେମାନଙ୍କର ବିବାହ କରାଅ ନାହିଁ । ଯଦି ପୁରୁଷ କାମଦାମ କରୁ ନାହିଁ, ଚାକିର କରୁ ନାହିଁ କିମ୍ବା ତା’ ପାଖରେ ଏପରି କୌଣସି ବଡ଼ ରୋଜଗାର ନାହିଁ, ତଥାପି ସେମାନଙ୍କର ବିବାହ କରାଇବା ଉଚିତ । ଜମାଅତର ନିୟମ ଅନୁସାରେ, ଏପରି ବେରୋଜଗାର ବ୍ୟକ୍ତିମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ବ୍ୟବସାୟରେ ସାହାଯ୍ୟ କରାଯାଇଥାଏ ଏବଂ କରିବା ମଧ୍ୟ ଉଚିତ । ତେବେ ଇଲ୍ଲାଃ ମାଶାଅଲ୍ଲାଃ (ଯଦିଚ ଅଲ୍ଲାଃତାଲା ନଚାହାନ୍ତି) ଯେତେବେଳେ ଏପରି ଉଦ୍ୟମ ହୁଏ ସେତେବେଳେ ଊଣା ଅଧିକେ ବିବାହ ପରେ ସେମାନଙ୍କ ଠାରେ ଦାୟିତ୍ୱବୋଧ ଜନ୍ମିଥାଏ ଏବଂ ସେମାନେ ଚିନ୍ତିତ ହୋଇପଡ଼ନ୍ତି ଯେ, କିପରି ନିଜ ସ୍ତ୍ରୀପିଲାମାନଙ୍କର ପ୍ରତିପୋଷଣ କରିବେ, ଏଣୁ କିଛି ନା କିଛି କାମ କରିବାକୁ ପଡ଼ିବ, କୌଣସି ବ୍ୟବସାୟ କରିବାକୁ ପଡ଼ିବ, ଚାକିରୀ କରିବାକୁ ପଡ଼ିବ, କୌଣସି ବୃତ୍ତି ଅବଲମ୍ବନ କରିବାକୁ ପଡ଼ିବ । ଫଳତଃ ଅନେକ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କୁ କାମ କରିବାକୁ କିମ୍ବା ଚାକିରୀ କରିବାକୁ ଅନୁପ୍ରାଣିତ କରିବାର କାରଣ ମଧ୍ୟ ସାଜିଥାନ୍ତି ଏବଂ ନିଜ ସ୍ୱାମୀ ଉପରେ ଚାପ ପକାନ୍ତି ଯଦ୍ୱାରା ରୋଜଗାର କରିବା ପ୍ରତି ସ୍ୱାମୀର ଧ୍ୟାନ କେନ୍ଦ୍ରିତ ହୋଇଥାଏ । ଏଭଳି ଅନେକ ଉଦାହରଣ ରହିଛି, ଯେ ଯେଉଁଠାରେ ବିବାହ ପରେ ଗରିବ ବ୍ୟକ୍ତିଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହୋଇଗଲା । ସୁତରାଂ

ଅଲ୍ଲାଃତାଲା କହନ୍ତି ଯେ, ଏହା ହେଉଛି ମୋର କାମ ଏବଂ ମୁଁ ଜାଣ ଯେ, ଆଗକୁ କାହାର ଅବସ୍ଥା କ'ଣ ହେବ । ବିଧବା ଓ ଗରିବ ଶ୍ରେଣୀର ଯୁବକ ଯୁବତୀମାନଙ୍କ ବିବାହ କରାଇବା ପ୍ରତି ଉଦ୍ୟମ କରିବା ସମାଜର କାର୍ଯ୍ୟ । ଏହା ଦ୍ୱାରା ସମାଜ ଅନେକ ପ୍ରକାରର କୁସଂସ୍କାରରୁ ପବିତ୍ର ତଥା ସୁରକ୍ଷିତ ହୋଇଯିବ । ଯେପରି ମୁଁ କହିଲି ଯେ, ବିଧବାମାନଙ୍କ ମଧ୍ୟରୁ ଏପରି ଅନେକ ମହିଳା ଅଛନ୍ତି ଯେଉଁମାନେ ବିବାହ କରିବାକୁ ଇଚ୍ଛୁକ କିନ୍ତୁ ନିଜ ସ୍ୱାମୀଙ୍କ ଅକାଳ ବିୟୋଗ ପରେ ସେମାନେ ଅନେକ ଅଭାବ ଅନଟନ ଏବଂ ଆର୍ଥିକ ସମସ୍ୟା ଦେଇ ଗତି କରିଥାଆନ୍ତି । ସମାଜର ଏପରି ମଧ୍ୟ କିଛି ପ୍ରତିବନ୍ଧକ ରହିଛି ଯାହାଫଳରେ ସେମାନେ ଚାହନ୍ତି ଯେ, ସେମାନଙ୍କୁ କୌଣସି ଠିକଣା ଅର୍ଥାତ ସ୍ଥାୟୀ ଆଶ୍ରା ମିଳୁ । କିନ୍ତୁ ସେମାନଙ୍କୁ ସ୍ଥାୟୀତ୍ୱ ଓ ସାମାଜିକ ନିରାପତ୍ତା ମିଳିବା ପରିବର୍ତ୍ତେ ଚିରକାଳ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ଏଣୁ ଅଲ୍ଲାଃତାଲା କହିଲେ ଯେ, ଶୃଙ୍ଖଳିତ ସମାଜ ଗଠନ ସକାଶେ ଏବଂ ସେମାନଙ୍କର ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ପୂର୍ଣ୍ଣ ପ୍ରୟାସ କର ଏବଂ ସେମାନଙ୍କର ବିବାହ କରାଇଦିଅ । ସୁତରାଂ ଏହା ହେଉଛି ଅଲ୍ଲାଃତାଲାଙ୍କର ଆଦେଶ ଯାହାକୁ କେତେକ ସମାଜ ନାପସନ୍ଦ କରନ୍ତି । ଇସଲମୀୟ ଏବଂ ଅହେମଦି ପରିବେଶରେ ମଧ୍ୟ କେତେକ ଲୋକ ଏହାକୁ ନାପସନ୍ଦ କରିଥାନ୍ତି । ତେବେ ପ୍ରତ୍ୟେକ ଅହେମଦିକୁ ଏହା ସ୍ମରଣ ରଖିବା ଉଚିତ ଯେ, ଅଲ୍ଲାଃତାଲାଙ୍କ ଆଦେଶ ବିପକ୍ଷରେ ଆମର ସମସ୍ତ ବର୍ଣ୍ଣନା ଅର୍ଥାତ ମିଥ୍ୟା ବର୍ଣ୍ଣନା ଯାହା ଅନ୍ୟ ଧର୍ମ କିମ୍ବା ଅଣଅହେମଦିମାନଙ୍କର ବିଗିଡ଼ି ଯାଇଥିବା ଧର୍ମର ଅଙ୍ଗ ପାଲଟି, ଆମମାନଙ୍କ ମଧ୍ୟରେ ତା'ର ଚେର ପ୍ରସାରିତ ଲାଭ କରୁଛି, ଏଗୁଡିକୁ ଉପାଡ଼ି ବାହରକୁ ଫିଙ୍ଗିଦେବା ଉଚିତ ।

ଅଲ୍ଲାଃତାଲା ତ' ବିଧବାମାନଙ୍କୁ ଏହି ଅନୁମତି ଦେଇଛନ୍ତି ଯେ, ଯେଉଁ ମହିଳାଙ୍କ ସ୍ୱାମୀର ମୃତ୍ୟ ଘଟେ ତେବେ ସେହି ମହିଳା ଜଣକ ଇଦ୍ଦତ୍ ଅର୍ଥାତ ୪ ମାସ ୧୦ ଦିନର ଧାର୍ଯ୍ୟ ଅବଧି ପୂରଣ କରିବା ପରେ ଯଦି ସେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ତହିଁରେ କୌଣସି ବିଘ୍ନ ସୃଷ୍ଟି କରିବା ଉଚିତ୍ ନୁହେଁ । ଏହି ନିଷ୍ପତ୍ତି ନେବାରେ ସେ କୌଣସି ଗୁରୁଜନଙ୍କ ଠାରୁ ପରାମର୍ଶ ଲୋଡ଼ିବାର ମଧ୍ୟ ଆବଶ୍ୟକତା ନାହିଁ । କିନ୍ତୁ ଏହି ସର୍ତ୍ତ ରହିଛି, ଯେ ସଠିକ ପନ୍ଥା ଅବଲମ୍ବନ କରି ବିବାହ ସ୍ଥିର କରୁ । ଅର୍ଥାତ ସମାଜକୁ ଏ ସଂପର୍କରେ ଜ୍ଞାତ ହେଉ ଯେ, ଅମୁକ ବିଧବା

ମହିଳା ଓ ପୁରୁଷଙ୍କର ବିବାହ ଅନୁଷ୍ଠିତ ହେଉଛି, ତାହାହେଲେ ତହିଁରେ କୌଣସି କ୍ଷତି ନାହିଁ । ବସ୍ତୁତଃ ବିଧବାମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି ଏବଂ ଲୋକମାନଙ୍କୁ ଏହା କୁହାଯାଇଛି ଯେ, ତୁମେମାନେ ଅକାରଣେ ଏହି କାର୍ଯ୍ୟରେ କୌଣସି ବିଘ୍ନ ଉତ୍ପନ୍ନ କରିବା ପାଇଁ ଉଦ୍ୟମ କର ନାହିଁ ଏବଂ ନିଜ ସଂପର୍କର ଦ୍ୱାହି ଦେବାକୁ ଚେଷ୍ଟା କର ନାହିଁ । ଅତଏବ ଯଦି ବିଧବା ମହିଳାଙ୍କ ବିବାହ ବୈଧ ପନ୍ଥା ଏବଂ ପ୍ରଚଳିତ ଶୈଳୀରେ ଅନୁଷ୍ଠିତ ହେଉଛି ତେବେ ଅଲ୍ଲାଃତାଲା ଏଥିପାଇଁ ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ଏଥିରେ ତୁମମାନଙ୍କର କୌଣସି ପାପ ନାହିଁ । ଆପଣମାନେ ସ୍ୱୟଂକୁ ବଂଶର ମୁରବୀ ବୋଲି ମନେକରି କିମ୍ବା ସଂପର୍କର ଦ୍ୱାହି ଦେଇ ସଂପର୍କ ସ୍ଥାପନରେ ବିଘ୍ନ ସୃଷ୍ଟି କର ନାହିଁ ଯେ, ଏହି ସଂପର୍କଟି ଠିକ ନୁହେଁ କିମ୍ବା ଏପରି ହେବା ଉଚିତ ନୁହେଁ । କାରଣ ବିଧବାକୁ ସ୍ୱୟଂ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରାଯାଇଛି । ତୁମେମାନେ ସମସ୍ତ ଦାୟିତ୍ୱରୁ ସ୍ୱାଧୀନ । ଅଲ୍ଲାଃତାଲା ତୁମମାନଙ୍କ ହୃଦୟର ଅବସ୍ଥା ସଂପର୍କରେ ଭଲ ଭାବରେ ଅବଗତ । ତେଣୁ ତୁମେମାନେ ଯଦି ତହିଁରେ କୌଣସି ସତ୍ ଉଦ୍ଦେଶ୍ୟ ରଖି ବାଧା ସୃଷ୍ଟି କରୁଛି ଅବା ସେହି ବିଧବା ମହିଳାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛ, ଯେ ତା' ପକ୍ଷରେ ଏହି ସଂପର୍କଟି ଉଚିତ ସାବ୍ୟସ୍ତ ହେବ ନାହିଁ, ତେଣୁ ଏହି ବନ୍ଧୁଘର କର ନାହିଁ । ଏପରି ନିଜ ମନ କଥାକୁ ବିଧବା ଆଗରେ ପରିପ୍ରକାଶ କରିଦିଅ ଏବଂ ତା'କୁ କହିଦିଅ । ସେଥିଅନ୍ତେ ତୁମେ ପଛକୁ ଘୁଞ୍ଚିଯାଅ ! ଏବଂ ନିଷ୍ପତ୍ତି ନେବାର ଅଧିକାର ସେହି ବିଧବାଙ୍କ ଉପରେ ଛାଡ଼ି ଦିଅ । ଅଲ୍ଲାଃତାଲା ତୁମମାନଙ୍କ ମନର ଅବସ୍ଥା ଜାଣନ୍ତି, ସେ ତୁମ ଉଦ୍ଦେଶ୍ୟ ସଂପର୍କରେ ମଧ୍ୟ ଅବଗତ ଅଟନ୍ତି । ସେ ଯାହା ହେଉ ନା କାହିଁକି ତୁମକୁ ଏଥି ସଂକ୍ରାନ୍ତରେ କିଛି ପଚରାଯିବ ନାହିଁ । ସୁତରାଂ ଏହା ପଛରେ ଯଦି ତୁମର ସତ୍ ଉଦ୍ଦେଶ୍ୟ ଥିବ ତେବେ ତୁମକୁ ତାହାର ପ୍ରତିଫଳ ଅବଶ୍ୟ ପ୍ରାପ୍ତ ହେବ ।

ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନରେ କହନ୍ତି;

وَالَّذِيْنَ يُتَوَفَّوْنَ مِنْكُمْ وَيَذَرُوْنَ اَزْوَاجًا يَّتَرَبَّصْنَ بِاَنْفُسِهِنَّ اَرْبَعَةَ اَشْهُرٍ وَّعَشْرًا۔ فَاِذَا بَلَغْنَ اَجَلَهُنَّ فَلَا جُنَاحَ عَلَيْكُمْ فِيْمَا فَعَلْنَ فِيْٓ اَنْفُسِهِنَّ بِالْمَعْرُوْفِ۔ وَاللّٰهُ بِمَا تَعْمَلُوْنَ خَبِيْرٌ۔

ୱଲ୍ଲଜିନା ୟୁତୱଫ଼ ଫୌନା ମିନ୍‌କୁମ ୱ ୟଜରୁନା ଅଜ୍‌ୱାଜନ୍ ୟତରବ୍‌ବସ୍‌ନା ବିଅନ୍‌ଫୁସିହିନ୍ନା ଅର୍‌ବାଅତା ଅଶ୍‌ହୁରିନ୍ ୱ ଅଶ୍ରା । ଫଇଜା ବଲଗ୍‌ନା ଅଜଲହୁନ୍ନା ଫଲା ଜୁନାହା ଅଲୈକୁମ ଫିମା ଫାଅଲ୍‌ନା ଫି ଅନ୍‌ଫୁସିହିନ୍ନା ବିଲ୍‌ମାରୁଫି । ୱଲ୍ଲାଃହୁ ବିମା ତାମଲୁନା ଖବିରା । (ଅଲ୍ ବକରା 2:235) ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ମୃତ୍ୟୁବରଣ କରନ୍ତି ଓ ସେମାନେ ନିଜ ପଛରେ ପତ୍ନୀମାନଙ୍କୁ ଛାଡ଼ି ଯାଆନ୍ତି, ସେହି ବିଧବା ପତ୍ନୀମାନେ ନିଜକୁ ୪ ମାସ ୧୦ ଦିନ ପର୍ଯ୍ୟନ୍ତ ଅଟକାଇ ରଖିବା ଉଚିତ । ପୁଣି ଯେତେବେଳେ ସେମାନେ ନିଜ ସଂକ୍ରାନ୍ତରେ ସମୁଚିତ ପନ୍ଥାରେ ଯାହାକିଛି ମଧ୍ୟ କରିବେ ତହିଁରେ ତୁମମାନଙ୍କୁ କୌଣସି ପାପ ନାହିଁ ଏବଂ ତୁମେମାନେ ଯାହା କରୁଅଛ ଅଲ୍ଲାଃତାଲା ସେ ବିଷୟରେ ଅବଗତ ଅଛନ୍ତି ।

ହଜରତ ମସିହ ମଉଦ[ଅ.ସ] ତତ୍‌ସଂକ୍ରାନ୍ତରେ କହନ୍ତି ଯେ, ବିଧବା ମହିଳାର ନିକାହ୍ କରିବାର ଆଦେଶ ସେହିପରି ଅଟେ ଯେପରି ଜଣେ କୁଆଁରୀ କନ୍ୟାର ନିକାହ୍‌ର ଆଦେଶ । କେତେକ ଜାତି ବିଧବା ମହିଳାମାନଙ୍କ ବିବାହ ପ୍ରସଙ୍ଗକୁ ସମ୍ମାନ ହାନି ବୋଲି ମନେ କରନ୍ତି ଏବଂ ଏହି କୁପ୍ରଥା ସମାଜରେ ବ୍ୟାପି ରହିଛି । ତେଣୁ ବିଧବାମାନଙ୍କ ନିକାହ୍ ପାଇଁ ଅଲ୍ଲାଃତାଲା ଆଦେଶ ଦେଇଛନ୍ତି । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ପ୍ରତ୍ୟେକ ବିଧବା ମହିଳାର ନିକାହ୍ କରାଯାଉ । ନିକାହ୍ ତ ସେହି ମହିଳାର ହେବ ଯିଏ ନିକାହ୍ କରିବା ଯୋଗ୍ୟ ଏବଂ ଯାହା ପାଇଁ ନିକାହ୍ କରିବା ବାଂଛନୀୟ । ଅନେକ ମହିଳାମାନେ ବୃଦ୍ଧାବସ୍ଥାରେ ବିଧବା ହୁଅନ୍ତି । ଆଉ କେତେକଙ୍କ କ୍ଷେତ୍ରରେ ଅନ୍ୟ ପରିସ୍ଥିତି ଏପରି ହୋଇଥାଏ ଯେ, ସେମାନେ ନିକାହ୍ କରିବା ଯୋଗ୍ୟ ନଥାନ୍ତି । ଉଦାହରଣ ସ୍ୱରୂପ କୌଣସି ମହିଳାକୁ ଏପରି ରୋଗ ଗ୍ରାସ କରିଥାଏ ଯେ, ସେମାନେ ନିକାହ୍ ଯୋଗ୍ୟ ନୁହନ୍ତି କିମ୍ବା ଏକାଧିକ ସନ୍ତାନ ଏବଂ ସହବାସ ଯୋଗୁଁ ଏଭଳି ପରିସ୍ଥିତିରେ ଉପନିତ ହୋଇଯାଇଥାନ୍ତି ଯେ ଦ୍ୱିତୀୟ ବିବାହ କରିବାକୁ ତାଙ୍କର ତିଳେ ମାତ୍ର ଆଗ୍ରହ ନଥାଏ । ଏଭଳି ପରିସ୍ଥିତିରେ ମହିଳାକୁ ବାଧ୍ୟ କରାଯାଇପାରିବ ନାହିଁ ଯେ, ଅଯଥାରେ ସେ ଦ୍ୱିତୀୟ ବିବାହ କରନ୍ତୁ । ହଁ ଅବଶ୍ୟ ଏହି କୁସଂସ୍କାରକୁ ସମାପ୍ତ କରିବାର ଆବଶ୍ୟକତା ରହିଛି ଯେ, ବିଧବା ମହିଳାମାନେ ସାରା ଜୀବନ ଆଉ ସ୍ୱାମୀ ନକରି ଅତିବାହିତ କରନ୍ତୁ ।

(ମଲଫୁଜାତ୍, ଭାଗ - ୫, ପୃ - ୩୨୦, ନୂତନ ସଂସ୍କରଣ)

ହଜରତ ମସିହ ମଉଦ[ଅ.ସ] ଏଥି ସଂପର୍କରେ ଅତିରିକ୍ତ ବ୍ୟାଖ୍ୟା କରି କୁହନ୍ତି, ପ୍ରଥମ କଥା ତ' ସମାଜ ଏବଂ ବନ୍ଧୁ ପରିଜନଙ୍କୁ ଏହି ଆଦେଶ ଦିଆଯାଇଛି ଯେ, ଯଦି କୌଣସି ବିବାହ ଯୋଗ୍ୟ ବିଧବା ମହିଳା ଥାନ୍ତି ତେବେ ତୁମେମାନେ ତା'ର ବନ୍ଧୁଘର କରିବା ପ୍ରତି ମଧ୍ୟ ସେହିପରି ଉଦ୍ୟମ କର ଯେପରି କୁଆଁରୀ ଝିଅର ବିବାହ ପାଇଁ ଉଦ୍ୟମ କରୁଅଛ । ଏହା ତୁମ ପାଇଁ ଅସମ୍ମାନ ନୁହେଁ ବରଂ ତହିଁରେ ହିଁ ତୁମର ସମ୍ମାନ ଅନ୍ତର୍ନିହିତ । ଦ୍ୱିତୀୟ କଥା ଏହିକି ଯେ, ଯଦି କେହି ବୟସାଧିକ୍ୟ ଯୋଗୁଁ କିମ୍ବା ଅଧିକ ସନ୍ତାନ ଯୋଗୁଁ ଅବା ନିଜର ଅନ୍ୟ କିଛି କାରଣ ଯୋଗୁଁ ଅବା ରୋଗ ଯୋଗୁଁ ବିବାହ କରିବାକୁ ଅକ୍ଷମତା ବା ଅନିଚ୍ଛା ପ୍ରକାଶ କରନ୍ତି ତାହାହେଲେ ଏହି ନିଷ୍ପତ୍ତି ନେବା ମଧ୍ୟ ତାଙ୍କ ଉପରେ ନ୍ୟସ୍ତ ରହିଛି । ତୁମେମାନେ ପରାମର୍ଶ ଦେବାପରେ ପଛକୁ ଘୁଞ୍ଚିଯାଅ । ବନ୍ଧୁଘର କରାଇବା ପାଇଁ ଚେଷ୍ଟା କର ନା କି ଭାଙ୍ଗିବାକୁ । ବିବାହ କରିବା କିମ୍ବା ନକରିବା ତା'ର ନିଜସ୍ୱ ନିଷ୍ପତ୍ତି ହେବ । ଏହା ତାହାର ଅଧିକାର । ସେ ଯାହା ହେଉ ନା କାହିଁକି ତା'କୁ ବାଧ୍ୟ ନକରାଯାଉ । ପୁନଶ୍ଚ ସମାଜ ତଥା ସଂପର୍କୀୟଙ୍କୁ ଏହି ଅଧିକାର ପ୍ରାପ୍ତ ନାହିଁ ଯେ, ସେମାନେ ବଳପୂର୍ବକ କୌଣସି ବିଧବାକୁ ସାରା ଜୀବନ ବିଧବା ଅବସ୍ଥାରେ ରଖନ୍ତୁ କିମ୍ବା ତା'କୁ କହନ୍ତୁ ଯେ, ତୁମେ ସାରା ଜୀବନ ଏହିପରି ବିଧବା ହୋଇ ରହିବ । ସୁତରାଂ ଯଦି କୌଣସି ମହିଳା ସ୍ୱଇଚ୍ଛାରେ ବିବାହ କରିବାକୁ ଇଚ୍ଛା ପ୍ରକାଶ କରେ ତେବେ ପବିତ୍ର କୁରଆନର ଆଦେଶାନୁଯାୟୀ ତା'କୁ ବିବାହ କରିବାକୁ ଦିଅ । କୌଣସି ବିଧବା ମହିଳାକୁ ବିବାହ କରିବାରୁ ଅଟକାଇବା ଅତ୍ୟନ୍ତ କୁତ୍ସିତ ପ୍ରଥା ଏବଂ ତାହାକୁ ନିଜ ସମାଜରୁ ସମାପ୍ତ କରିବା ଉଚିତ ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଯେ ହଜରତ ଅଲୀ ବିନ୍ ଅବୁ ତାଲିବ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ କରୀମ[ସ.ଅ] ମୋତେ ତିନି ଥର କହିଲେ ଯେ, ହେ ଅଲୀ ! ଯେତେବେଳେ ନମାଜର ସମୟ ହୋଇଯାଏ ତେବେ ବିଳମ୍ବ କର ନାହିଁ ଏବଂ ସେହିପରି ଯେତେବେଳେ ଜନାଯାଃ ତୁମ ସମ୍ମୁଖରେ ଉପସ୍ଥିତ ଥାଏ କିମ୍ବା କୌଣସି ମହିଳା ବିଧବା ହୋଇଯାଏ ଏବଂ ତା'ର ଜୀବନ ସାଥୀ ମିଳିଯାଏ ତେବେ ତହିଁରେ ବିଳମ୍ବ କର ନାହିଁ ।

(ତିର୍ମିଜି କିତାବୁସ୍ ସଲାତ, ବାବୁଫିଲ ୱକ୍ତିଲ ଅୱଲି)

ଉକ୍ତ ହଦିସରେ ଆଁହଜରତ[ସ.ଅ] ଦୁଇଟି କଥା ଯାହାକି ମନୁଷ୍ୟ ସହିତ ସଂପର୍କିତ, ଉପାସନା ସହିତ ରଖିଛନ୍ତି । ନମାଜରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା, ତାହାଙ୍କୁ ଭକ୍ତି କରିବା ବିଧେୟ । ମନୁଷ୍ୟକୁ ପ୍ରଭୁଙ୍କ ଉପାସନା ସକାଶେ ହିଁ ସୃଷ୍ଟି କରାଯାଇଛି, ତା'କୁ ଯଥା ସମୟରେ ଉପାସନା କରିବାକୁ ଆଦେଶ ଦିଆଯାଇଛି ଏବଂ ଯେତେବେଳେ ନମାଜ ସମୟ ଆସିଯାଏ ସେତେବେଳେ ତହିଁରେ ବିଳମ୍ବ କରିବା ଉଚିତ ନୁହେଁ, ତହିଁରେ ହିଁ ଆମର କଲ୍ୟାଣ ନିହିତ ରହିଛି ଏବଂ ଏକ ପବିତ୍ର ସମାଜର ପ୍ରତିଶୃତି ମଧ୍ୟ ତହିଁରେ ଦିଆଯାଇଛି । ଅଲ୍ଲାଃତାଲା ଉପାସନାର ଯେଉଁ ସମୟ ନିର୍ଧାରଣ କରିଛନ୍ତି ସେହି ସମୟ ମଧ୍ୟରେ ହିଁ ନମାଜ ପଢିବା ଉଚିତ । ଏହାପରେ କହିଲେ ଜନାଯାଃ ରହିଛି, ଯଦି କୌଣସି ବ୍ୟକ୍ତି ମୃତ୍ୟୁବରଣ କରନ୍ତି ତେବେ ତା'କୁ କବର ଦେବାରେ ମଧ୍ୟ ଶୀଘ୍ରତା ପ୍ରଦର୍ଶନ କରିବା ଉଚିତ । କାରଣ ତହିଁରେ ହିଁ ମୃତକ ପ୍ରତି ସମ୍ମାନ ପ୍ରକଟ କରିବା ଅନ୍ତର୍ନିହିତ । ପୁନଶ୍ଚ ଅନେକ ବଂଶରେ ବିଳମ୍ବ ପର୍ଯ୍ୟନ୍ତ ଜନାଯାଃ (ଶବ) ରଖିବା ଯୋଗୁଁ କେତେକ ସମସ୍ୟା ଉତ୍ପନ୍ନ ହୋଇଥାଏ । ତେଣୁ ମୃତ ବ୍ୟକ୍ତିକୁ ଶୀଘ୍ର କବର ଦେବା ଉଚିତ । ପୁନଶ୍ଚ କହିଲେ ଯେ, ଯଦି କୌଣସି ମହିଳା ବିଧବା ହୋଇଯାଏ ଏବଂ ସେ ବିବାହ ଯୋଗ୍ୟ ଥାଏ ଏବଂ ତା' ପାଇଁ ଉପଯୁକ୍ତ ବର (ବନ୍ଧୁ) ମିଳିଯାଏ, ସମାଜରେ ନାରୀର ଯେଉଁ ମର୍ଯ୍ୟାଦା ରହିଛି ତଦନୁଯାୟୀ ହୋଇଥିବା ଉଚିତ । ବଂଶ ଦୃଷ୍ଟିରୁ, ନିଜର ରହଣୀ ଦୃଷ୍ଟିରୁ ନିଜ ଭଳି ବିଚାରଧାରା ରଖୁଥିବା ପୁରୁଷ ମିଳିଯାଏ ଏବଂ ସମ୍ପୃକ୍ତ ମହିଳା ତାଙ୍କୁ ପସନ୍ଦ ମଧ୍ୟ କରନ୍ତି ତାହାହେଲେ ସଂପର୍କୀୟମାନେ ଏ ସଂକ୍ରାନ୍ତରେ ବାଧା ଦେବା ଅନୁଚିତ । ବରଂ ସେମାନଙ୍କ ପକ୍ଷେ ଏହା ଉଚିତ ହେବ ଯେ, ସେମାନେ ଉକ୍ତ ବିଧବା ମହିଳାର ଯଥାଶୀଘ୍ର ବିବାହ କରାଇ ଦିଅନ୍ତୁ । ଏତତ୍ ଦ୍ୱାରା ପବିତ୍ର ସମାଜର ଭିତ୍ତି ସ୍ଥାପନ ହୋଇଥାଏ ଏବଂ ଅନେକ ଅଶିଷ୍ଟ କଥା ଯାହାକି ମହିଳାକୁ ସହ୍ୟ କରିବାକୁ ପଡୁଥିଲା ତହିଁରୁ ମହିଳା ବର୍ତ୍ତି ଯାଇପାରିବ । ପୁନଶ୍ଚ ବିଧବାକୁ ମଧ୍ୟ ଏହି ଅଧିକାର ପ୍ରଦାନ କରାଯାଇଛି ଯେ, ସେ ସମୁଚିତ ପନ୍ଥାରେ ବାହା ହୋଇପାରିବ । ଯେପରିକି ପବିତ୍ର କୁରଆନରୁ ଏହା ପ୍ରମାଣିତ । ତାହା ଏଇଥିପାଇଁ ଯେ, ସେ ନିଜକୁ ସୁରକ୍ଷିତ କରି ନେଇଥାଏ ।

ଉକ୍ତ ଅଧିକାର ସଂପର୍କରେ ଆଁହଜରତ[ସ.ଅ] ଏହିପରି ଭାବରେ ବ୍ୟାଖ୍ୟା

କରିଛନ୍ତି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହଜରତ ଇବନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି ଯେ, ରସୁଲ କରୀମ ସ.ଅ କହିଲେ ଯେ, ବିବାହ ପ୍ରସଙ୍ଗରେ ବିଧବା ନିଜ ସଂପର୍କରେ ନିଷ୍ପତ୍ତି ନେବାରେ ନିଜର ଅଭିଭାବଙ୍କ ଠାରୁ ଅଧିକ ଅଧିକାର ରଖିଥାଏ । କିନ୍ତୁ କୁଆଁରୀମାନଙ୍କ ଠାରୁ ଅନୁମତି ଲୋଡ଼ାଯିବ ଏବଂ ତା'ର ନୀରବ ରହିବା ସହମତି ବୋଲି ବିବେଚିତ କରାଯିବ ।

(ସୁନନ୍ ଦାରମି, କିତାବୁନ୍ ନିକାହ୍, ବାବୁ ଇସ୍ତିମାରୁଲ ବିକ୍ରୁ ଓ୍ୱସ୍ ସଓ୍ୱାବି)

ତେବେ ସ୍ପଷ୍ଟ ହୋଇଗଲା ଯେ, ବିଧବାମାନଙ୍କର ଅଧିକାରକୁ ପ୍ରାଧାନ୍ୟ ଦିଆଯାଇଛି । କିନ୍ତୁ କୁଆଁରୀ ଝିଅ ସଂପର୍କରେ ଏହି ସର୍ତ୍ତ ରହିଛି ଯେ, ତା'ର ଅଭିଭାବକ ଏ ଦିଗରେ ନିର୍ଣ୍ଣୟ କରିବେ ଏବଂ ତାହା ଏଇଥିପାଇଁ ଯେ, ଅଲ୍ଲାଃତାଲାଙ୍କ ଆଦେଶ ତ' ପ୍ରକୃତରେ ସମାଜରେ କଲ୍ୟାଣ ଏବଂ ଶାନ୍ତି ରକ୍ଷା କରିବା ପାଇଁ ରହିଛି । କାରଣ ଜଣେ ବିଧବା ତ' ସାଂସାରିକ ଅନୁଭୂତି ମଧ୍ୟ ଦେଇ ଗତି କରିସାରିଥାଏ, ସଂସାରର ଉଚ୍ଚ ନୀଚକୁ ଦେଖି ସାରିଥାଏ ଏବଂ ଇଲ୍ଲା ମାଶାଅଲ୍ଲାଃ ବୁଝି ବିଚାରି ନିଷ୍ପତ୍ତି ନେବା ପାଇଁ ସକ୍ଷମ ଥାଏ, ତେଣୁ ତା'କୁ ଏହି ଅଧିକାର ପ୍ରଦାନ କରାଯାଇଛି । କିନ୍ତୁ କୁଆଁରୀ ଝିଅ ବେଳେବେଳେ ନିଜର ଭୋଳାପଣ ଓ ସରଳତା ଯୋଗୁଁ ନିଷ୍ପତ୍ତି କରି ବସିଥାଏ, ତେଣୁ ତା' ବନ୍ଧୁଘର କରିବାର ଅଧିକାର ତା' ଅଭିଭାବକଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ତଥାପି ତା'କୁ ଏହି ଅଧିକାର ମଧ୍ୟ ପ୍ରଦାନ କରାଯାଇଛି, ଯେ ଯଦି ତାହାର ନିଜ ଓ୍ୱଲି କିମ୍ବା ପିତାଙ୍କ ନିଷ୍ପତ୍ତି ମଧ୍ୟରେ ମତପାର୍ଥକ୍ୟ ଦେଖାଦିଏ, ସେ ତାଙ୍କ ସହିତ ଏକମତ ନହୁଏ ତେବେ ଜମାଅତକୁ ଜଣାଇ ନିଜର ବିଚାର କରାଇ ନେଉ । କିନ୍ତୁ ସ୍ୱୟଂ କୌଣସି ପଦକ୍ଷେପ ନେବାର ତାହାକୁ ଅନୁମତି ନାହିଁ । ଏତତ୍ ଦ୍ୱାରା ମଧ୍ୟ ସମାଜରେ ପୁଣ୍ୟ ଏବଂ କଲ୍ୟାଣକର ପରିବେଶ ପରିବର୍ତ୍ତେ ଉପଦ୍ରବ ଏବଂ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି । ସୁତରାଂ ଅନେକ ଥର ଏପରି ଘଟିଛି ଯେ, କେତେକ ଝିଅ ଆଁହଜରତ [ସ.ଅ]ଙ୍କ ନିକଟରେ ଅଭିଯୋଗ କଲେ, ଆମ ପିତା ଅମୁକ ବ୍ୟକ୍ତି ସହିତ ଆମର ବନ୍ଧୁଘର କରିବାକୁ ଚାହୁଁଛନ୍ତି କିନ୍ତୁ ମୁଁ ତାଙ୍କୁ ବିବାହ କରିବାକୁ ଚାହୁଁ ନାହିଁ । ଅତଏବ ଆଁହଜରତ[ସ.ଅ] ସେହି ଯୁବତୀମାନଙ୍କ ସପକ୍ଷରେ ନିର୍ଣ୍ଣୟ ଶୁଣାଇଥିଲେ । ସେହିପରି ଏକଦା ଜଣେ କନ୍ୟା ଆଁହଜରତ [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲା ଏବଂ

କହିଲା, କ'ଣ ଆମମାନଙ୍କୁ ନିଜ ବିବାହ ପ୍ରସଙ୍ଗରେ କୌଣସି ଅଧିକାର ନାହିଁ ? ଆଁହଜରତ[ସ.ଅ] କହିଲେ ନିଶ୍ଚିତ ତୁମମାନଙ୍କୁ ଅଧିକାର ପ୍ରଦାନ କରାଯାଇଛି ? ପ୍ରତ୍ୟୁତ୍ତରରେ ସେହି କନ୍ୟା ଜଣକ କହିଲେ ମୋ ପିତା ମୋର ବିବାହ ଅମୁକ ବୃଦ୍ଧ ବ୍ୟକ୍ତି ସହିତ କରିବାକୁ ଚାହୁଁଛନ୍ତି, କିମ୍ବା କରୁଅଛି କିମ୍ବା କରିଦେଇଛି । ସୁତରାଂ ଆଁହଜରତ[ସ.ଅ] କହିଲେ ଯେ, ତୁମକୁ ନିଜର ନିଷ୍ପତ୍ତି ନେବାର ପୂର୍ଣ୍ଣ ଅଧିକାର ପ୍ରାପ୍ତ ଅଛି । କିନ୍ତୁ ଉକ୍ତ ପୁଣ୍ୟ ସ୍ୱଭାବୀ ଝିଅଟି କହିଲା ଯେ, ମୁଁ କେବଳ ମହିଳାମାନଙ୍କର ଅଧିକାର ସ୍ଥାପନ କରିବାକୁ ଚାହୁଁଥିଲି, ନା କି ନିଜ ପିତାଙ୍କର ମନ ଭାଙ୍ଗିବାକୁ । ମୁଁ ନିଜ ପିତାଙ୍କୁ ବହୁତ ଭଲପାଏ, ମୁଁ ଏହି ପ୍ରସ୍ତାବରେ ମଧ୍ୟ ସହମତ କିନ୍ତୁ ସେ ଯାହା ହେଉ ନା କାହିଁକି ମହିଳାଙ୍କ ଅଧିକାର ଅକ୍ଷୁର୍ଣ୍ଣ ରହିବା ଉଚିତ, ମୁଁ ସେଇଥି ପାଇଁ ଆପଣଙ୍କ ସେବାରେ ଉପସ୍ଥିତ ହୋଇଥିଲି ।

ସେହିପରି ଆଉ ଥରେ ଜଣେ ଯୁବତୀର ପିତାଙ୍କ ଦ୍ୱାରା ସ୍ଥିର ହୋଇଥିବା ବନ୍ଧୁଘରକୁ (ଯାହାକି କନ୍ୟାର ସହମତି ବିରୁଦ୍ଧରେ ହୋଇଥିଲା) ଭାଙ୍ଗି ଦିଆଗଲା । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ଅବଦୁଲ୍ଲାଃ ବିନ ଅବ୍ବାସ[ର.ଅ] ବର୍ଣ୍ଣନା କରନ୍ତି ଯେ, ଜଣେ ମହିଳାର ସ୍ୱାମୀଙ୍କର ଦେହାନ୍ତ ହୋଇଗଲା । ସେହି ବିଧବା ମହିଳାର ସ୍ୱାମୀଙ୍କ ଠାରୁ ଗୋଟିଏ ସନ୍ତାନ ମଧ୍ୟ ଥିଲା । ସେହି ସନ୍ତାନର ଚଚା ଉକ୍ତ ବିଧବା ମହିଳାକୁ ବିବାହ କରିବା ପାଇଁ ପ୍ରସ୍ତାବ ପଠେଇଲେ । ମହିଳା ଜଣକ ମଧ୍ୟ ସହମତି ପ୍ରକାଶ କଲେ । କିନ୍ତୁ ଝିଅର ପିତା ଉକ୍ତ ପ୍ରସ୍ତାବକୁ ସ୍ୱୀକାର କରିବା ପରବର୍ତ୍ତେ ନିଜ କନ୍ୟାର ବିବାହ ଅନ୍ୟ ସ୍ଥାନରେ କରିଦେଲେ । ଏଥିରେ ସେହି ମହିଳା ଜଣକ ଆଁହଜରତ [ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ଅଭିଯୋଗ କଲେ । ଆଁହଜରତ[ସ.ଅ] ମହିଳାର ପିତାଙ୍କୁ ଡ଼କାଇ ଏ ପ୍ରସଙ୍ଗରେ ପ୍ରଶ୍ନ କଲେ । ମହିଳାଙ୍କ ପିତା ଉତ୍ତର ଦେଲେ, ମୁଁ ମୋ କନ୍ୟାର ବିବାହ ତା'ର ଦିଅର ଠାରୁ ଭଦ୍ର ଓ ଉତ୍ତମ ବ୍ୟକ୍ତି ସହିତ ସ୍ଥିର କରିଛି । ଆଁହଜରତ[ସ.ଅ] ମହିଳାଙ୍କ ବାପା ଦ୍ୱାରା କରାଯାଇଥିବା ବନ୍ଧୁଘରକୁ ଭାଙ୍ଗି ତାଙ୍କ ଦିଅର ସହିତ କରିଦେଲେ ।

(ମୁସନଦ୍ ଇମାମୁଲ ଆଜମ୍ କିତାବୁନ୍ ନିକାହ)

ବର୍ତ୍ତମାନ ଏଠାରେ ବିଧବାର ଅଧିକାରକୁ ପ୍ରାଧାନ୍ୟ ଦିଆଯାଇଥିଲା ଏବଂ ଦ୍ୱିତୀୟରେ ଯୁବତୀଙ୍କ ପସନ୍ଦକୁ ଦୃଷ୍ଟିରେ ରଖା ଯାଇଥିଲା । କିନ୍ତୁ ଜମାଅତ

ଅହେମଦିୟାରେ ଏହା ଦେଖାଯିବ ଉଚିତ୍ ଯେ, ଝିଏ ଯେଉଁଠି ବିବାହ କରୁଛି କିମ୍ବା ଯେଉଁଠି ବିବାହ କରିବାକୁ ଇଚ୍ଛୁକ ଯୁବକ ଜଣକ ଅହେମଦି ହୋଇଥିବା ଦରକାର । କାରଣ ଏହି ସମସ୍ତ କଥାର ଉଦ୍ଦେଶ୍ୟ ହେଉଛି ପବିତ୍ର ସମାଜର ଗଠନ କରିବା, ପୁଣ୍ୟାବଳୀକୁ ସ୍ଥାପିତ କରିବା ଏବଂ ପୁଣ୍ୟବାନ ସନ୍ତାନ ପ୍ରାପ୍ତ କରିବା । ସୁତରାଂ ଅହେମଦି ଯୁବକମାନେ ଯଦି ଅହେମଦି ଝିଅକୁ ଛାଡ଼ି ଏବଂ ଅହେମଦି ଝିଅମାନେ ଯଦି ଅହେମଦି ଯୁବକଙ୍କୁ ଛାଡ଼ି ଅନ୍ୟ ସମ୍ପ୍ରଦାୟର ଯୁବକ ସହିତ ବିବାହ କରନ୍ତି ତେବେ ସମାଜରେ, ବଂଶରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ଅଧିକ ଘନୀଭୂତ ହୋଇଥାଏ । ଆସନ୍ତା ପିଢିର ଧର୍ମରୁ ଦୂରେଇ ଯିବାର ଆଶଙ୍କା ସୃଷ୍ଟି ହୋଇଥାଏ । ତେଣୁ ଧର୍ମୀୟ ସମାନତା ଦେଖିବା ସେହିଭଳି ଆବଶ୍ୟକ ଯେଉଁଭଳି ସାଂସାରିକ ସମାନତାକୁ ଦେଖାଯାଇ ଥାଏ । ଆମମାନଙ୍କ ପୁଅ ଓ ଝିଅମାନଙ୍କର ଅଣଅହେମଦିଙ୍କ ସହିତ ସଂପର୍କ ବାନ୍ଧିବାର ଅଭିରୁଚି ରହିଛି । ଅତଏବ ଏଥିପ୍ରତି ଧ୍ୟାନ ଆକର୍ଷଣ କରିବାର ଢେର ଆବଶ୍ୟକତା ରହିଛି । ବିଶେଷ କରି ଏହି ସ୍ୱାଧୀନ ସମାଜରେ । ତେଣୁ ବ୍ୟବସ୍ଥାର ମଧ୍ୟ ଚିନ୍ତା ବଢି ଯାଇଛି ଯେ, ଏଭଳି ପ୍ରସଙ୍ଗ ବର୍ତ୍ତମାନ ଅଧିକ ବୃଦ୍ଧି ପାଇବାରେ ଲାଗିଛି । ଯୁବପିଢ଼ି ନିଜ ଇଚ୍ଛାରେ ଅନ୍ୟ ସଂପ୍ରଦାୟରେ ବା ଅନ୍ୟ ଧର୍ମରେ ବିବାହ କରିବାକୁ ମନ ବଳାଇ ଚାଲିଛନ୍ତି ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜରତ ଅବୁ ହାତିମ୍ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ[ସ.ଅ] କହିଲେ ଯେ, ତୁମ ପାଖକୁ ଯଦି କୌଣସି ବ୍ୟକ୍ତି ଏଭଳି ପ୍ରସ୍ତାବ ଆଣେ ଯାହାର ଧାର୍ମିକତା ଏବଂ ଚାରିତ୍ର ତୁମକୁ ପସନ୍ଦ ଲାଗେ, ତାହାହେଲେ ତୁମେ ସେହି ପ୍ରସ୍ତାବକୁ ସ୍ୱୀକାର କରିନିଅ । ଯଦି ତୁମେ ଏପରି ନକରିବ ତାହାହେଲେ ମର୍ତ୍ତ୍ୟମଣ୍ଡଳରେ ଉପଦ୍ରବ ଏବଂ ବିଶୃଙ୍ଖଳା ସୃଷ୍ଟି ହେବ । ପ୍ରଶ୍ନକର୍ତ୍ତା ପ୍ରଶ୍ନ କରିବାକୁ ଚାହିଁଲା, କିନ୍ତୁ ଆଁହଜରତ[ସ.ଅ] ତିନି ଥର ଏହା ହିଁ କହିଲେ ଯେ, ତୁମ ପାଖକୁ ଯଦି କୌଣସି ବ୍ୟକ୍ତି ଏଭଳି ପ୍ରସ୍ତାବ ଆଣେ ଯାହାର ଧାର୍ମିକତା ଏବଂ ଚାରିତ୍ର ତୁମକୁ ପସନ୍ଦ ଲାଗେ, ତାହାହେଲେ ତୁମେ ସେହି ପ୍ରସ୍ତାବକୁ ସ୍ୱୀକାର କରିନିଅ ।

(ତିର୍ମିଜି-କିତାବୁନ୍ ନିକାହ୍)

ସୁତରାଂ ଆଁହଜରତ[ସ.ଅ] ଏଥିପ୍ରତି ଦୃଷ୍ଟି ଆକର୍ଷଣ କଲେ ଯେ, ଧାର୍ମିକ ବ୍ୟକ୍ତିର ପ୍ରସ୍ତାବ ଗ୍ରହଣ କର । ଯଦି ସେହି ବ୍ୟକ୍ତିର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥାଏ

ତେବେ ମଧ୍ୟ ଧର୍ମକୁ ପ୍ରାଧାନ୍ୟ ଦିଅ କାରଣ ପ୍ରଭୁଙ୍କ ଅଙ୍ଗୀକାର ରହିଛି, ସେ ତାହାର ଆର୍ଥିକ ଅବସ୍ଥା ଠିକ୍ କରିଦେବେ । ତେଣୁ ଯେତେବେଳେ ଯୁବତୀମାନଙ୍କ ପାଇଁ ପ୍ରସ୍ତାବ ଆସିଛି ସେତେବେଳେ ତାହାକୁ ଅଧିକ ଦିନ ଲଟକାଅ ନାହିଁ । ଯଦି ତା'ର ଧାର୍ମିକତାରେ ସନ୍ତୁଷ୍ଟ ହୋଇଯାଅ ତେବେ ଶୀଘ୍ର ବନ୍ଧୁଘର କରିଦେବା ଉଚିତ । ସେହିପରି ଯୁବକମାନଙ୍କୁ ମଧ୍ୟ ଆଁଜରତ ସ.ଅଙ୍କର ଏହି ଉପଦେଶ ରହିଛି ଯେ, ବନ୍ଧୁଘର କଲାବେଳେ ପ୍ରକାଶ୍ୟ ଏବଂ ସାଂସାରିକ ଅବସ୍ଥାକୁ ଦେଖ ନାହିଁ । ତାହାର ଆଭିଜାତ୍ୟକୁ ଦେଖ ନାହିଁ, ବରଂ ଏହା ଦେଖ ଯେ, ସେ କେତେ ପୁଣ୍ୟବତୀ ।

ସୁତରାଂ ହଜରତ ଅବୁ ହୁରୈରାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତସ.ଅ କହିଲେ ଯେ, କୌଣସି ମହିଳା ସହ ନିକାହ କରିବାକୁ ହେଲେ ୪ଟି ମୌଳିକ କାରଣ ରହିଥାଏ; ଝିଅର ସମ୍ପତ୍ତିକୁ ଦେଖି ନିକାହ୍ କରାଯାଇଥାଏ, ଝିଅର ବଂଶ ଦେଖି ନିକାହ୍ କରାଯାଏ ଅବା ଝିଅର ସୌନ୍ଦର୍ଯ୍ୟକୁ ଦେଖି ନିକାହ୍ କରାଯାଏ ଅବା ଝିଅର ଧାର୍ମିକତାକୁ ଦେଖି ନିକାହ୍ କରାଯାଇଥାଏ । କିନ୍ତୁ ତୁମେ ସର୍ବଦା ଧାର୍ମିକ ନାରୀକୁ ପ୍ରାଧାନ୍ୟ ଦିଅ । ଅଲ୍ଲାଃତାଲା ତୋର ମଙ୍ଗଳ କରନ୍ତୁ ଏବଂ ତୁମକୁ ଧାର୍ମିକ ନାରୀଟିଏ ପ୍ରଦାନ କରନ୍ତୁ ।

(ବୁଖାରୀ- କିତାବୁନ୍ ନିକାହ୍ ବାବୁଲ୍ ଇକଫା ଫିଦ୍ଧିନି)

ତେବେ ସେ ଯାହା ହେଉ ନା କାହିଁକି ଆଁହଜରତସ.ଅ ଏହି ଉପଦେଶ ଦେଇ ଆଗାମୀ ବଂଶଧରଙ୍କ ଧାର୍ମିକ ହେବାର ବ୍ୟବସ୍ଥା କରିବା ଆଡ଼କୁ ପ୍ରକୃତ ପକ୍ଷରେ ଆମମାନଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ନିଜ ଗୃହର ପାରିବାରିକ ପରିବେଶକୁ ସୁଖ ଶାନ୍ତିମୟ କରିବା ପାଇଁ ଧ୍ୟାନ ଆକର୍ଷଣ କରିଛନ୍ତି । କାରଣ ଯଦି ମା' ପୁଣ୍ୟବନ୍ତି ଓ ଧାର୍ମିକ ହେବ ତେବେ ତା'ର ସନ୍ତାନମାନେ ମଧ୍ୟ ଧାର୍ମିକ ହେବେ । ତେଣୁ ପୁଣ୍ୟବାନ ତଥା ଧାର୍ମିକ ସନ୍ତାନଠୁ ବଳି ଆଉ ଏ ଦୁନିଆର କୌଣସି ମୂଲ୍ୟବାନ ସମ୍ପଦ ନାହିଁ ଯାହାକି ମନୁଷ୍ୟକୁ ଶାନ୍ତି ପ୍ରଦାନ କରିଥାଏ । ଜଣେ ବିଶ୍ୱାସକାରୀ ପାଇଁ ସମାଜରେ ସମ୍ମାନ ଓ ସୁନାମର କାରଣ ପୁଣ୍ୟବାନ ତଥା ଧାର୍ମିକ ସନ୍ତାନମାନେ ହିଁ ହୋଇଥାନ୍ତି । ଅତଏବ ପ୍ରତ୍ୟେକ ଅହେମଦିକୁ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ବର୍ତ୍ତମାନ ଏହି ଅଭିଯୋଗ ବେଶ ସାମାନ୍ୟ ହେବାରେ ଲାଗିଛି ଯେ, କନ୍ୟାଟି ପୁଣ୍ୟବାନ, ଶିଷ୍ଟାଚାରୀ, ଚରିତ୍ରବତୀ, ଶିକ୍ଷିତା, ଜମାଅତର କାମରେ ଅଂଶ

ଗ୍ରହଣ ମଧ୍ୟ କରେ କିନ୍ତୁ ଟିକିଏ ଅସୁନ୍ଦର କିମ୍ବା ତା'ର ଉଚ୍ଚତା ଟିକିଏ କମ୍ ଅର୍ଥାତ ବାଙ୍ଗରୀ କନ୍ୟା ଯାହା ଦେଖଣାହାରୀଙ୍କ ମନଲାଖି ନୁହେଁ । ତେଣୁ ଲୋକମାନେ ଆସନ୍ତି ଦେଖନ୍ତି ଏବଂ ଚାଲାଯାନ୍ତି । ଏସଂପର୍କରେ ମୁଁ ପୂର୍ବେ ମଧ୍ୟ ଦୃଷ୍ଟି ଆକର୍ଷଣ କରିସାରିଛି ଯେ, ମୁଖମଣ୍ଡଳ, ଶାରୀରିକ ଗଠନ ଉଚ୍ଚତା ତ' ଫଟୋ ଏବଂ ଖବର ମାଧ୍ୟମରେ ମଧ୍ୟ ଜଣାପଡ଼ି ଯାଇଥାଏ । ତେବେ ଘରକୁ ଯାଇ ଝିଅଙ୍କୁ ଦେଖିବା ଏବଂ ସେମାନଙ୍କୁ ହଇରାଣ କରିବା, କ'ଣ ଦରକାର ? ଅଲ୍ଲାଃତାଲାଙ୍କର ତ ଆଦେଶ ରହିଛି ଯେ, ବନ୍ଧୁ ବାନ୍ଧିବା ସମୟରେ ଏହି ସାଂସାରିକ ବସ୍ତୁମାନଙ୍କୁ ଦେଖ ନାହିଁ ବରଂ ଧାର୍ମିକତାକୁ ସର୍ବଦା ଗୁରୁତ୍ୱ ଦିଅ । ଅତଏବ ଆଁହଜରତ[ସ.ଅ] କହିଲେ ଯେ, ଯଦି ନିଜର ବଂଶଧରଙ୍କୁ ସମ୍ଭାଳିବାର ଅଛି ତେବେ ଧାର୍ମିକ ପକ୍ଷକୁ ସର୍ବଦା ପ୍ରାଧାନ୍ୟ ଦିଅ । ତେଣୁ ଆମେ ଯଦି କନ୍ୟାମାନଙ୍କର ଧାର୍ମିକ ପକ୍ଷକୁ ପ୍ରାଧାନ୍ୟ ଦେବା ତା'ହେଲେ ଆଁହଜରତ [ସ.ଅ]ଙ୍କ ଦୁଆର ଉତ୍ତରାଧିକାରୀ ହୋଇପାରିବା ଏବଂ ନିଜର ଆଗାମୀ ବଂଶଧରଙ୍କୁ ଧର୍ମ ଉପରେ ପରିଚାଳିତ ହେଉଥିବାର ଦେଖିପାରିବା ।

କେତେକ ଲୋକେ ବନ୍ଧୁଘର ସମୟରେ କନ୍ୟାକୁ ଏଭଳି ଆଖିରେ ନିରିଖି ଦେଖନ୍ତି ଯେପରି କୁର୍ବାନୀର ଜୀବକୁ ଦେଖା ଯାଇଥାଏ । ନିକାହ୍ କହିଲେ ଏକ ଚୁକ୍ତିକୁ ବୁଝାଏ । ଯେଉଁଠାରେ କେବଳ ଗୋଟିଏ ପକ୍ଷର ବଳିଦାନକୁ ବୁଝାଯାଏ ନାହିଁ ବରଂ ଉଭୟ ପକ୍ଷର ପରସ୍ପର ସକାଶେ ବଳିଦାନର ନାମ ନିକାହ୍ ଅଟେ । ତେଣୁ ଏହା ଏକ ପବିତ୍ର ବନ୍ଧନ ।

ହଜରତ ଅବଦୁଲ୍ଲାଃ ବିନ ଉମ୍ରୋ ବର୍ଣ୍ଣନା କରନ୍ତି ଯେ, ଆଁହଜରତ[ସ.ଅ] କହିଲେ ଯେ, ଏହି ସଂସାର ଏକ ମୋହମାୟାର ବସ୍ତୁ ଏବଂ ଜଣେ ପୁଣ୍ୟବାନ ମହିଳାଠୁ ବଳି ଆଉ ଏହି ସଂସାରରେ କୌଣସି ମୂଲ୍ୟବାନ ସମ୍ପଦ ନାହିଁ ।

(ଇବ୍‌ନେ ମାଜା ଅବୱାବୁନ୍ ନିକାହ୍ - ବାବୁ ଅଫ୍‌ଜଲୁନ୍ ନିସା)

ଅତଏବ ଉପରୋକ୍ତ ହଦିସ୍ ହେଉଛି ସେହି ଲୋକମାନଙ୍କ ପାଇଁ ଯେଉଁମାନେ ପ୍ରତ୍ୟେକ ବସ୍ତୁକୁ ସାଂସାରିକତାର ନିକିତିରେ ତଉଲିବାକୁ ଉଦ୍ୟମ କରିଥାଆନ୍ତି । ସେହି ଲୋକମାନଙ୍କୁ ଏହି ହଦିସ ସ୍ମରଣ ରଖିବା ଉଚିତ ଯେ, ପୁଣ୍ୟବାନ ମହିଳାଠୁ ବଳି ସେମାନଙ୍କ ପାଇଁ କୌଣସି ଜୀବନସାଥି ଓ ସାଂସାରିକ ବସ୍ତୁ ନାହିଁ । ପୁଣ୍ୟବାନ ମହିଳା ତୁମମାନଙ୍କର ଘରକୁ ସମ୍ଭାଳି ରଖିବ ଏବଂ

ତୁମମାନଙ୍କର ସନ୍ତାନମାନଙ୍କୁ ମଧ୍ୟ ଉତ୍ତମ ତାଲିମ ପ୍ରଦାନ କରିବ । ଫଳତଃ ତୁମେମାନ ଧର୍ମ ଓ ସାଂସାରିକତାର ସୁଫଳ ଲଭି ପାରିବ । ସେହିପରି ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ କରୀମ[ସ.ଅ] କହିଲେ "ପୁଣ୍ୟବାନ ମହିଳା ଏବଂ ପୁଣ୍ୟବାନ ପୁରୁଷଙ୍କର ବିବାହ ସମ୍ପାଦନ କରାଅ ।"

(ସୁନନ୍ ଦାରମି - କିତାବୁନ୍ ନିକାହ ବାବୁ ଫିନ୍‌ନିକାହିସ୍ ସାଲିହିନ)

ଅତଏବ ଉପରୋକ୍ତ ହଦିସରେ ପୁଣ୍ୟବାନ ଯୁବକ ଓ ଯୁବତୀଙ୍କ ବିବାହ ଆଡକୁ ଇଙ୍ଗିତ ରହିଛି ଏବଂ ଏହି ପୁଣ୍ୟ କାର୍ଯ୍ୟ ସମାଜକୁ ବିଭ୍ରାଟରୁ ବର୍ଜି ରହିବାର ମାଧ୍ୟମ ସାଜିଥାଏ । ତେଣୁ ତହିଁରେ ଶୀଘ୍ରତା ପ୍ରଦର୍ଶନ କରିବା ଉଚିତ । କିନ୍ତୁ ବେଳେବେଳେ ଦେଖିବାକୁ ମିଳିଛି ଯେ, ଏହିଭଳି ଲୋକମାନଙ୍କର ସଂଖ୍ୟା ଅଧିକ ରହିଛି । ପୁଅମାନେ ପିତାମାତାଙ୍କ ସହିତ ଝିଅ ଦେଖିବାକୁ ଆସନ୍ତି, ଯେଉଁମାନଙ୍କର ବୟସ ୩୪-୩୫ ହୋଇଥାଏ । କିନ୍ତୁ ଅଭିଭାବକମାନେ ସେମାନଙ୍କୁ ନିଜ ସାଙ୍ଗରେ ସଂଶ୍ଳିଷ୍ଟ କରି ରଖିଥାଆନ୍ତି । ସେହି ଅଭିଭାବକମାନେ ଏତେ ବୟସ ପର୍ଯ୍ୟନ୍ତ ମଧ୍ୟ ନିଜ ପୁତ୍ରମାନଙ୍କର ବିବାହ ପ୍ରତି ଧ୍ୟାନ ଦେଇ ନଥାନ୍ତି ।

ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ ଝିଅମାନଙ୍କର ରୋଜଗାର ଖାଇବାକୁ ଏହିପରି ଆଚରଣ ପ୍ରଦର୍ଶନ କରିଥାଆନ୍ତି ଓ ଆଉ କେତେକ ଅଭିଭାବକ ଅଛନ୍ତି ଯେଉଁମାନେ ନିଜ ପୁଅମାନଙ୍କ ରୋଜଗାର ହାତେଇବାକୁ ଏଭଳି ପ୍ରୟାସ କରୁଛନ୍ତି । ଯେଉଁ ଅଭିଭାବକମାନେ ଝିଅମାନଙ୍କର ରୋଜଗାର ଖାଉଛନ୍ତି, କାରଣ ସେମାନଙ୍କ ପୁତ୍ରମାନେ କୁଳାଙ୍ଗାର, ଅପଦାର୍ଥ, ରୋଜଗାର କ୍ଷମ ନୁହନ୍ତି, କୌଣସି କାମଦାମ କରୁ ନାହାନ୍ତି, ଏବଂ ଶିକ୍ଷିତ ନାହାନ୍ତି । ସେମାନଙ୍କ ଘର ଝିଅମାନଙ୍କ ରୋଜଗାର ଉପରେ ନିର୍ଭରଶୀଳ ଏବଂ ଯଦିବି ଏପରି କନ୍ୟାଙ୍କ ବିବାହଘର ହୋଇଯାଏ ତେବେ ଅଭିଭାବକମାନଙ୍କର ଏହି ପ୍ରୟାସ ହୋଇଥାଏ ଯେ, ଜ୍ୱାଇଁ ଘରଜ୍ୱାଇଁ ହୋଇ ରହୁ, ଯାହାକ ଅସମ୍ଭବ ଅଟେ । ଯଦ୍ୱାରା ପାରିବାରିକ କଳହର ସୂତ୍ରପାତ ହୋଇଥାଏ । ତେଣୁ ବିବାହ କରିବା ପରେ ଯଦି ସ୍ୱାମୀ-ସ୍ତ୍ରୀ ପୃଥକ ଭାବରେ ଜୀବନ ଯାପନ କରିବାକୁ ଚାହୁଁଛନ୍ତି ଏବଂ ସେମାନେ ଏଥିପାଇଁ ସକ୍ଷମ ଅଟନ୍ତି ଏବଂ ଅଭିଭାବକମାନେ ଜୀବନର ସେହି ଶେଷ ଭାଗରେ ଉପନୀତ

ହୋଇ ନାହାନ୍ତି ଯେଉଁଠି ସେମାନଙ୍କୁ କୌଣସି ପ୍ରକାରର ସାହାଯ୍ୟର ଆବଶ୍ୟକତା ଲୋଡ଼ା ଏବଂ ସେମାନଙ୍କ ନିକଟରେ କୌଣସି ସନ୍ତାନ ନଥାନ୍ତି, ତାହାହେଲେ ଏହା ଅନ୍ୟ ଧରଣର କଥା । ସେ ଯାହା ହେଉ ନା କାହିଁକି ବଳିଦାନ ଦେବାକୁ ପଡ଼ିଥାଏ, ତାହା ପୁଣି ପୁରୁଷକୁ (ବଳିଦାନ) ଦେବାକୁ ପଡ଼ିଥାଏ । ଯଦି କୌଣସି ଅଭିଭାବକଙ୍କର ପୁତ୍ର ନଥାଏ ତେବେ ଝିଅର ଏହା ବିବଶତା । କିନ୍ତୁ ପ୍ରାୟତଃ ଯେତେବେଳେ ଝିଅ ବିଦା ହୋଇ ଶାଶୁ ଘରକୁ ଯାଏ ସେତେବେଳେ ତାକୁ ନିଜର ଏକ ନୂଆ ସଂସାର ଗଢ଼ିବାକୁ ଦେବା ଉଚିତ୍ । ଏଥିପ୍ରତି ଜମାଅତର ବ୍ୟବସ୍ଥା ସହିତ ଅନ୍ତଃବ୍ୟବସ୍ଥାଗୁଡିକ ଯଥା ଲଜନା, ଖୁଦ୍ଦାମ ଓ ଅନସାର ଗୋଷ୍ଠୀଙ୍କୁ ମଧ୍ୟ ଧ୍ୟାନ ଦେବା ଉଚିତ । ସେମାନଙ୍କୁ ନିଜସ୍ୱ ଶୈଳୀରେ ବୁଝାଇବା ଉଚିତ । ଅନସାରମାନେ ଅଭିଭାକମାନଙ୍କୁ ବୁଝାନ୍ତୁ, ଲଜନାମାନେ କନ୍ୟାମାନଙ୍କୁ ବୁଝାନ୍ତୁ ଓ ଖୁଦ୍ଦାମମାନେ ଯୁବକମାନଙ୍କୁ ବୁଝାନ୍ତୁ । ପୁନଶ୍ଚ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ମୁଗିରା ବର୍ଣ୍ଣବା କରନ୍ତି ଯେ, ଯେତେବେଳେ ସେ ଗୋଟିଏ ପରିବାରରେ ନିର୍ବନ୍ଧର ସନ୍ଦେଶ ଦେଲେ, ସେତେବେଳେ ଆଁହଜରତ[ସ.ଅ] କହିଲେ ଯେ, ସେହି କନ୍ୟାକୁ ଦେଖିନିଅ ! କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ ଝିଅ ମଧ୍ୟରେ ପ୍ରେମ ତଥା ଆନ୍ତିରିକତା ଭାବ ଉତ୍ପନ୍ନ ହେବାର ଅଧିକ ସମ୍ଭାବନା ହେବ ।

(ତିର୍ମିଜି କିତାବୁନ୍ ନିକାହ୍ - ବାବୁ ଫିନ୍ ନଜରି ଇଲଲ୍ ମଖତୁବତି)

ଉକ୍ତ ଅନୁମତିକୁ ମଧ୍ୟ ଆଜିକାଲି ସମାଜରେ କେତେକ ଲୋକ ଭୁଲ ବୁଝି ନେଇଛନ୍ତି ଏବଂ ଏହି ଅର୍ଥ ବାହର କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ପାଇଁ ସର୍ବଦା ପରିଜନଙ୍କ ଠାରୁ ଅଲଗା ହୋଇ ବସିବା, ପରିଜନଙ୍କ ଠାରୁ ଅଲଗା ହୋଇ ଭ୍ରମଣ କରିବା । ଏପରିକି ଯୁବକ ଯୁବତୀ ଅନ୍ୟ ସହରକୁ ବୁଲି ଚାଲି ଯିବା ଆଦିରେ କୌଣସି କ୍ଷତି ନାହିଁ । ଘର ଭିତରେ ଘଣ୍ଟା ଘଣ୍ଟା ଧରି ବସି ଗପସପ ହେବା, ଏସବୁ ମଧ୍ୟ ଅନୁଚିତ ଓ ଅପ୍ରାସଙ୍ଗିକ କାର୍ଯ୍ୟ । କହିବାର ତାତ୍ପର୍ଯ୍ୟ ହେଲା ଯେ, ଆମ୍ନା ସାମ୍ନି ଆସି ପରସ୍ପରକୁ ସାକ୍ଷାତ କଲେ ପରସ୍ପରକୁ ବୁଝିବା ପାଇଁ ସହଜ ହୋଇଥାଏ । କେତେକ ହରକତ ଓ କଥା କହିବା ଶୈଳୀରୁ ଜଣା ପଡ଼ିଯାଇଥାଏ । ପୁନଶ୍ଚ ସାଂପ୍ରତିକ ଯୁଗରେ ଘର ଲୋକଙ୍କ ସହିତ ବସି ମିଳିମିଶି ଖାଇବାରେ ମଧ୍ୟ କୌଣସି ଆପତ୍ତି ନାହିଁ । ଖାଦ୍ୟ ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଅଙ୍ଗଭଙ୍ଗୀ, ଆଚାର

ବ୍ୟବହାର ଚାଲି ଚଳନ ଓ ଅଭ୍ୟାସ ଆଦିକୁ ଜଣେ ସହଜରେ ପଢ଼ି ନେଇଥାଏ । ଯଦି କୌଣସି କଥା ଭଲ ନଲାଗେ ତେବେ ଏହା ଭଲ କଥା ଯେ, ପୂର୍ବରୁ ଜଣା ପଡ଼ିଯାଏ ଯଦ୍ୱାରା ତାହାକୁ ନେଇ ପରବର୍ତ୍ତୀ ସମୟରେ କଳହ ହେବ ନାହିଁ । ଯଦି ସବୁକିଛି ପସନ୍ଦ ଲାଗେ ତା'ହେଲେ ସମ୍ବନ୍ଧ ଏବଂ ପ୍ରୀତି ସମ୍ପର୍କର ଡ଼ୋରି ଏହି ବନ୍ଧନରେ ମଜବୁତ୍ ହୋଇଥାଏ କିମ୍ବା ପ୍ରସ୍ତାବର ସନ୍ଦେଶ ସହିତ ଏକ ସଂପର୍କ ବିବାହ ପୂର୍ବରୁ ସ୍ଥାପିତ ହୋଇଯିବ । ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ରହିଥାଏ ଯେ, ଯଦି କାହାର ନିର୍ବନ୍ଧ ହୋଇଗଲା ତେବେ ସେମାନେ ଏହାକୁ ଭାଙ୍ଗିବା ପାଇଁ ଉଦ୍ୟମ କରିଥାଆନ୍ତି । ସେହି ପୁଅ ଝିଅମାନଙ୍କୁ ପରସ୍ପର ସହିତ ସାକ୍ଷାତ କରିବାର ମଧ୍ୟ ସୁଯୋଗ ପ୍ରାପ୍ତ ହେବ ନାହିଁ । ପରସ୍ପରର ଭଲମନ୍ଦକୁ ଲକ୍ଷ୍ୟ କରିବାର ମଧ୍ୟ ସୁଯୋଗ ମିଳି ନଥାଏ । କାରଣ ସମ୍ଭବତଃ ସେମାନେ ପରସ୍ପରକୁ ଚିହ୍ନିଥାଇ ପାରନ୍ତି । କିନ୍ତୁ ଦ୍ୱିତୀୟ ପକ୍ଷରେ କେତେକ ଲୋକେ କଠୋରତା ଆଡ଼କୁ ଚାଲି ଯାଆନ୍ତି । ସେମାନେ ମଧ୍ୟ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ପରସ୍ପରକୁ ବିବାହ ପୂର୍ବରୁ କିମ୍ବା ପ୍ରସ୍ତାବ ସମୟରେ ପରସ୍ପର ସହିତ ସାକ୍ଷାତ କରନ୍ତୁ । କାରଣ ସେମାନେ ଏହାକୁ ସ୍ୱାଭିମାନ ହାନିର ଆଖ୍ୟା ଦିଅନ୍ତି । ସୁତରାଂ ଇସଲାମ'ର ଶିକ୍ଷା ଏକ ସମୁଚିତ ନୀତିଶିକ୍ଷା, ନା କି ଅତିଶୟତା ନା ଅତିନିମ୍ନତା, ନା ହିଁ ଏହା କଠୋରତାମୂଳକ ବା ଚରମ ପନ୍ଥୀୟ ଧର୍ମ । ଇସଲାମ ଏକ ସମନ୍ୱୟ ଧର୍ମ ଅଟେ । ସୁତରାଂ ଏହା ପବିତ୍ର କୁରଆନର ଶିକ୍ଷା ଉପରେ କାର୍ଯ୍ୟାନୁସରଣ ହେବା ଉଚିତ । ଏହା ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହେବା ସଙ୍ଗେସଙ୍ଗେ ସମାଜରୁ ବିଭ୍ରାଟ ମଧ୍ୟ ଦୂରୀଭୂତ ହୋଇପାରିବ ।

ପୁନଶ୍ଚ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜରତ ମାଆକଲ୍ ବିନ ୟସାର ବର୍ଣ୍ଣନା କରନ୍ତି ଯେ, ଆଁହଜରତ[ସ.ଅ] କହିଲେ "ତୁମେମାନେ ଏଭଳି ମହିଳାମାନଙ୍କୁ ବିବାହ କର ଯିଏ ନିଜ ସ୍ୱାମୀକୁ ପ୍ରେମ କରିବା ଜାଣି ଥିବ ଏବଂ ଯେଉଁ ମହିଳା ଅଧିକ ସନ୍ତାନ ଜନ୍ମ କରିପାରିବ ଅର୍ଥାତ ଅଧିକ ପ୍ରଜନନ କ୍ଷମ ମହିଳାକୁ ବିବାହ କର । କାରଣ ଅଧିକ ସଂଖ୍ୟା ଯୋଗୁଁ ମୁଁ ପୂର୍ବ ସଂପ୍ରଦାୟମାନଙ୍କ ତୁଳନାରେ ଗର୍ବ କରି ପାରିବି ।

(ଅବୁ ଦାଉଦ୍ - କିତାବୁନ୍ ନିକାହ ବାବୁ ତଜଓ୍ୱିଜୁଲ୍ ଅବକାର୍)

ସୁତରାଂ ଅଧିକ ସନ୍ତାନ ଜନ୍ମ କରିପାରୁଥିବା ନାରୀକୁ ଆଁହଜରତ[ସ.ଅ] ଏହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି, କାରଣ ଅଧିକ ସନ୍ତାନ ଜନ୍ମ କରିବା ଏକ ଗୌରବର କଥା । ଆପଣ କହିଲେ ଏତତ୍ ଦ୍ୱାରା ମୋ ସମ୍ପ୍ରଦାୟ ଖୁବ୍ ଶୀଘ୍ର ସଂଖ୍ୟାଧିକ ପାଲଟିଯିବ । ଏଠାରେ ଆଁହଜରତ [ସ.ଅ]ଙ୍କ କହିବାର ତାତ୍ପର୍ଯ୍ୟ ଏହା ନୁହେଁ ଯେ, ସଂଖ୍ୟା ବୃଦ୍ଧି କରିନିଅ ଏବଂ ବଂଶ ବିସ୍ତାର କର । ବରଂ ଏଭଳି ସନ୍ତାନ ହୁଅନ୍ତୁ ଯେଉଁମାନେ ପୁଣ୍ୟ ଅର୍ଜନ କରିବାରେ ଆଗକୁ ଅଗ୍ରସର ହେବେ । ଅଲ୍ଲାଃତାଲାଙ୍କ ଆଦେଶ ଉପରେ କାର୍ଯ୍ୟାନୁସରଣକାରୀ ହୋଇ ଆଁହଜରତ [ସ.ଅ]ଙ୍କ ପାଇଁ ଗର୍ବର କାରଣ ସାଜିବେ । ସୁତରାଂ ମହିଳାମାନଙ୍କ ଉପରେ ଆଁହଜରତ[ସ.ଅ] ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି ଯେ, କେବଳ ସନ୍ତାନ ଉପରେ ଗର୍ବ କରନ୍ତୁ ନାହିଁ ବରଂ ନିଜ ସନ୍ତାନମାନେ କିପରି ପୁଣ୍ୟ ମାର୍ଗରେ ପିରଚାଳିତ ହେବେ ସେଥିପାଇଁ ଚେଷ୍ଟା କରନ୍ତୁ । ଯେଉଁ ସନ୍ତାନମାନେ ନିଜକୁ ଆଁହଜରତ [ସ.ଅ]ଙ୍କ ସଂପ୍ରଦାୟ ବୋଲାଇ ଗର୍ବ ଅନୁଭବ କରୁଥିବେ ଏବଂ ଆଁହଜରତ[ସ.ଅ] ଯେଉଁଭଳି କହିଛନ୍ତି ଯେ, ମୁଁ ମଧ୍ୟ ସେହି ନାରୀମାନଙ୍କ ଉପରେ ଗର୍ବ ଅନୁଭବ କରିବି ଯେଉଁ ମହିଳାମାନଙ୍କର ସନ୍ତାନ ଅଧିକ ଥିବେ ଏବଂ ସେମାନେ ପୁଣ୍ୟ ମାର୍ଗରେ ପ୍ରତିଷ୍ଠିତ ରହିଥିବେ ।

ଆଁହଜରତ[ସ.ଅ] ସ୍ୱୟଂ ମଧ୍ୟ ସାହାବାମାନଙ୍କୁ ବିବାହ କରିବା ପ୍ରତି ଅନୁପ୍ରାଣିତ କରୁଥିଲେ ତାହା ନୁହଁ । ବରଂ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ଏବଂ ବେଳେବେଳେ କୌଣସି ବ୍ୟକ୍ତିର ରିଶତା ସ୍ଥିର କରୁଥିଲେ ସେତେବେଳେ ସ୍ୱୟଂ ମନ ନିବେଶ କରି ବ୍ୟକ୍ତିଗତ ଭାବରେ ବିବାହ ପରିଚାଳନା ବ୍ୟବସ୍ଥା କରୁଥିଲେ । ସେହିପରି ଏକ ଦୀର୍ଘ ବର୍ଣ୍ଣନାରେ ହଜରତ ରବିଆ ଅସଲମି [ର.ଅ]ଙ୍କ ବର୍ଣ୍ଣନା ମୁସନଦ ଅହେମଦ ବିନ୍ ହମ୍ବଲରେ ବର୍ଣ୍ଣିତ ହୋଇଛି । ଯାହାର ସାରାଂଶ ଏହିପରି ଯେ, ହଜରତ ରବିଆ ଆଁହଜରତ [ସ.ଅ]ଙ୍କର ସେବା କରୁଥିଲେ । ଏକଦା ରସୁଲ କରୀମ[ସ.ଅ] କହିଲେ ରବିଆ ! ତୁମେ ବିବାହ କରିବ ନାହଁ ? ପ୍ରତ୍ୟୁତ୍ତରରେ ସେ କହିଲେ ନା । ପୁନଶ୍ଚ କିଛି ସମୟ ପରେ ଆଁହଜରତ[ସ.ଅ] କହିଲେ ରବିଆ ! ତୁମେ ବିବାହ କରିବ ନାହିଁ ? ପ୍ରତ୍ୟୁତ୍ତରରେ ସେ କହିଲେ ନା । ରବିଆ ସ୍ୱୟଂ ଭାବିଲେ ଯେ, ମୋର ତ' ସୁଖଦୁଃଖ ହାନିଲାଭ ସବୁକିଛି ଆଁହଜରତ [ସ.ଅ]ଙ୍କ ସହିତ ଜଡ଼ିତ । ଆପଣ ଯାହା ନିଷ୍ପତ୍ତି ନେବେ ତାହା ମୋ ପକ୍ଷରେ ମଙ୍ଗଳପ୍ରଦ ହେବ । ଯଦି

ମୋତେ ପଚାରିବେ ତେବେ ମୁଁ ହଁ ବ୍ୟତୀତ ଆଉବା କି ଉତ୍ତର ଦେବି । ଅତଏବ ଆଁହଜରତ[ସ.ଅ] ତାଙ୍କୁ ତୃତୀୟ ଥର ପ୍ରଶ୍ନ କରିବାରୁ, ରବିଆ[ର.ଅ] କହିଲେ ହଁ ଆଜ୍ଞା ମୁଁ ରାଜି ! ଏଥିରେ ଆଁହଜରତ[ସ.ଅ] କହିଲେ, ଅନସାରର ଅମୁକ ପରିବାର ନିକଟକୁ ଯାଅ ଏବଂ ତାଙ୍କୁ ମୋର ସନ୍ଦେଶ ଦିଅ ଯେ, ଅମୁକ ଝିଅ ସହିତ ତୁମର ବିବାହ କରିଦିଅନ୍ତୁ । ସୁତରାଂ ରସୁଲୁଲ୍ଲାଃ [ସ.ଅ]ଙ୍କ ଆଦେଶ ପାଳନ କରି ସେ ତୁରନ୍ତ ସେ ସେଠାକୁ ଚାଲିଗଲେ ଏବଂ ତାଙ୍କର ବିବାହ ସେହି ଝିଅ ସହିତ ହୋଇଥିଲା । ସୁତରାଂ ଆଁହଜରତ[ସ.ଅ] ଓଲିମାର ସମସ୍ତ ବ୍ୟବସ୍ଥା ସ୍ୱୟଂ ଆୟୋଜନ କଲେ ଏବଂ ସେଥିରେ ସାମିଲ ହେଲେ ଓ ଦୁଆ ମଧ୍ୟ କଲେ ।

(ମୁସନଦ୍ ଅହେମଦ୍ ବିନ୍ ହମ୍ବଲ୍ - ମୁସ୍ନଦୁଲ୍ ମଦିନିନା)

ସେହିପରି ଆଉ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହଜରତ ଇବନେ ଅବ୍ବାସ[ର.ଅ] ବର୍ଣ୍ଣନା କରନ୍ତି ଯେ, ଅଶିକ୍ଷିତ ଯୁଗରେ ଏହି ପରମ୍ପରା ପ୍ରଚଳିତ ଥିଲା ଯେ, ଯେତେବେଳେ କୌଣସି ବ୍ୟକ୍ତି ନିକଟରେ କୌଣସି ଅନାଥ ଝିଅ ରହିଥାଏ ଏବଂ ସେ ତା' ଉପରେ ଏକ କପଡ଼ା ପକାଇ ଦିଏ । ସେତେବେଳେ କାହାରି ସାହସ ନଥାଏ ଯେ, କୌଣସି ବ୍ୟକ୍ତି ଉକ୍ତ ଅନାଥ ଝିଅ ସହିତ ନିକାହ୍ କରିପାରିବ । ଯଦି ଝିଅଟି ସୁନ୍ଦର ଏବଂ ଧନୀଶାଳୀ ହୋଇଥାଏ ତେବେ ସେ ସ୍ୱୟଂ ତା' ସହିତ ନିକାହ୍ କରି ନେଉଥିଲା ଏବଂ ତା'ର ଧନ ଖାଇଯାଉଥିଲା । ଯଦି ଝିଅଟି ଦେଖିବାକୁ ସୁନ୍ଦର ନଥାଏ, କିନ୍ତୁ ଧନୀକ ଶ୍ରେଣୀର ହୋଇଥାଏ ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ସେହି ଝିଅକୁ ନିଜ ପାଖରେ ସାରା ଜୀବନ ଅଟକାଇ ରଖୁଥିଲା । ଏପର୍ଯ୍ୟନ୍ତ କି ସେହି ଅନାଥ ଝିଅ ମୃତ୍ୟୁବରଣ କରିନେଉ ଥିଲା । ଯେତେବେଳେ ସେହି ଝିଅର ମୃତ୍ୟୁ ଘଟୁଥିଲା ସେତେବେଳେ ଉକ୍ତ ବ୍ୟକ୍ତି ସେହି ଝିଅର ସମସ୍ତ ସମ୍ପତ୍ତି ହାତେଇ ନେଉଥିଲା ।

ତେବେ ଏହା ଥିଲା ଆରବର ଅବସ୍ଥା ଯେଉଁ କାରଣରୁ ଅଲ୍ଲାଃତାଲା ବିଧବା ଏବଂ ଅନାଥ ଝିଅମାନଙ୍କର ବିବାହ କରିବା ଏବଂ କରାଇବା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ସ୍ୱୟଂ ଆଁହଜରତ[ସ.ଅ] ବିଶେଷ ଭାବରେ ନିଜ ସାହାବା ଓ ସାହାବିୟାମାନଙ୍କ ବିବାହ କରାଇଲେ ଏବଂ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କଲେ ଯେ, ଯେତେବେଳେ ପୁଅ ଓ ଝିଅମାନେ ପ୍ରାପ୍ତ ବୟସ୍କ ହୋଇଯିବେ ସେତେବେଳେ

ସେମାନଙ୍କର ବିବାହ କରିଦିଅ । ବିଧବାମାନେ ଯଦି ଯୁବାବସ୍ଥାରେ ଥାଆନ୍ତି କିମ୍ବା ବିବାହ କରିବାକୁ ଇଚ୍ଛୁକ ଥାଆନ୍ତି ତାହାହେଲେ ସେମାନଙ୍କର ମଧ୍ୟ ବିବାହ ସମ୍ପାଦନ କରାଅ । କେବେ ହେଲେ ବ୍ୟକ୍ତିଗତ ସାଂସାରିକ ସ୍ୱାର୍ଥ ତଥା ଲାଭବାନ ହେବା ଆଶାରେ ପୁଅ ଝିଅମାନଙ୍କୁ ଘରେ ବସାଇ ରଖ ନାହିଁ ଓ ନା ହିଁ ଏହି ଉଦ୍ଦେଶ୍ୟ ରଖି ପୁଅମାନଙ୍କ ବିବାହରେ ବିଳମ୍ବ କର । ସୁତରାଂ ଏହା ବର୍ତ୍ତମାନ ସମଗ୍ର ସାମଜର ଦାୟିତ୍ୱ ଯେ, ବିବାହ ଯୋଗ୍ୟ ଲୋକମାନଙ୍କର ବିବାହ କରାଇବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

ସାଂପ୍ରତିକ ଯୁଗରେ ଅତ୍ୟନ୍ତ ଚିନ୍ତାର ସହିତ ପବିତ୍ର କୁରଆନ ଓ ଆଁହଜରତ ସ.ଅଙ୍କ ଆଦେଶ ଉପରେ ପରିଚାଳିତ ହେବା ପ୍ରତି ହଜରତ ମସିହ ମଉଦ ଅ.ସ ଚେଷ୍ଟା କରିଛନ୍ତି । ବିଶେଷ କରି ଏହି ଉଦ୍ୟମ ଏବଂ ଧ୍ୟାନ କେନ୍ଦ୍ରିତ କରିଛନ୍ତି ଯେ, ଅହେମଦି ବାଳକ ବାଳିକାମାନଙ୍କର ବିବାହ ଜମାଅତରେ ହିଁ ହେଉ । ଯାହା ଫଳରେ ଆଗାମୀ ବଂଶଧରମାନେ ଧର୍ମ ମାର୍ଗରେ ପ୍ରତିଷ୍ଠିତ ରହିବେ । ହଜରତ ମସିହ ମଉଦ ଅ.ସ ଜମାଅତରେ ପରସ୍ପର ମଧ୍ୟରେ ବନ୍ଧୁ ବାନ୍ଧିବାକୁ ଏଇଥି ପାଇଁ ସେହି ଲୋକମାନଙ୍କୁ ଅନୁପ୍ରାଣିତ କରିଛନ୍ତି ଯେଉଁମାନେ ଅନ୍ୟ ସଂପ୍ରଦାୟରେ ବନ୍ଧୁଘର କରନ୍ତି ।

ହଜରତ ମସିହ ମଉଦ ଅ.ସ କହନ୍ତି ଯେ, "ଯଦିଓ ଅଲ୍ଲାଃତାଲାଙ୍କ କୃପା ଏବଂ ଦୟାରୁ ଓ ତାହାଙ୍କ ଅନୁକମ୍ପାରୁ ଆମ ଜମାଅତର ସଦସ୍ୟ ସଂଖ୍ୟାରେ ଅନେକ ଉନ୍ନତି ହେଉଅଛି ଏବଂ ଏହି ସଂଖ୍ୟା ହଜାରରୁ ଉର୍ଦ୍ଧ୍ୱରେ ପହଞ୍ଚି ଯାଇଛି ଏବଂ ଭବିଷ୍ୟରେ ଏହି ସଂଖ୍ୟା ଲକ୍ଷ୍ୟକୁ ଛୁଇଁଯିବ ଏବଂ ଟପିଯିବ ।" ବର୍ତ୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତର ସଦସ୍ୟ ସଂଖ୍ୟା କୋଟିଏରୁ ଉର୍ଦ୍ଧ୍ୱରେ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ତେଣୁ ଯୁଗର ଆବଶ୍ୟକତା ଅନୁଶାରେ ମନେ ହେଲା ଯେ, ଏହି ପାରସ୍ପରିକ ଏକତାକୁ ବୃଦ୍ଧି କରାଇବା ପାଇଁ ଏବଂ ସେହିପରି ସେମାନଙ୍କୁ ସଂପର୍କୀୟଙ୍କ କୁପ୍ରଭାବ ଏବଂ କୁପରିଣାମରୁ ରକ୍ଷା କରିବା ପାଇଁ ପୁଅ ଝିଅମାନଙ୍କର ନିକାହ ସଂପର୍କରେ କୌଣସି ଉତ୍ତମ ବ୍ୟବସ୍ଥା ପ୍ରଣୟନ କରାଯିବା ଦରକାର । ଏହା ତ' ପ୍ରକାଶ୍ୟ ଯେ, ଯେଉଁ ଲୋକମାନେ ବିରୋଧୀ ମୌଲବୀଙ୍କ ଅଧୀନ ହୋଇ ବୈରାଗ୍ୟ, ଈର୍ଷା ଏବଂ ଶତ୍ରୁତାର ଚରମ ସୀମାରେ ପହଞ୍ଚି ଯାଇଛନ୍ତି । ତେଣୁ

ଯେପର୍ଯ୍ୟନ୍ତ ସେମାନେ କ୍ଷମା ଯାଚନା କରି ଏହି ଜମାଅତରେ ସାମିଲ ହୋଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନଙ୍କ ସହିତ ଆମ ଜମାଅତର ନୂତନ ବନ୍ଧନ ଓ ସଂପର୍କ ତଥା ବନ୍ଧୁ ବାନ୍ଧିବା ଅସମ୍ଭବ । ବର୍ତ୍ତମାନ ଆମ ଜମାଅତ କୌଣସି ପ୍ରସଙ୍ଗରେ ଅର୍ଥାତ ଧନସମ୍ପତ୍ତିରେ, ଶିକ୍ଷାରେ, ମର୍ଯ୍ୟାଦାରେ, ବଂଶରେ, ଧର୍ମପରାୟଣତାରେ, ଈଶ୍ୱଭୀରୁତାରେ ପ୍ରତିଯୋଗୀ ମନୋଭାବ ରଖୁଥିବା ବ୍ୟକ୍ତିମାନେ ଏହି ଜମାଅତରେ ଅନେକ ସଂଖ୍ୟାରେ ଉପସ୍ଥିତ ଅଛନ୍ତି, ତେଣୁ ଆମେ ଆଉ ସେମାନଙ୍କ ଉପରେ ଆଉ ନିର୍ଭରଶୀଳ ନାହୁଁ । ପ୍ରତ୍ୟେକ ଇସଲାମୀୟ ଗୋଷ୍ଠୀର ବା ଜାତିର ଲୋକମାନେ ଏହି ଜମାଅତରେ ଦେଖିବାକୁ ମିଳନ୍ତି । ସୁତରାଂ ଯେଉଁମାନେ ଆମକୁ କାଫିର (ଅବିଶ୍ୱାସକାରୀ) ବୋଲି ବିବେଚିତ କରୁଛନ୍ତି ଏବଂ ଆମର ନାମ ଦଜ୍ଜାଲ (ପ୍ରବଞ୍ଚକ) ରଖୁଛନ୍ତି, ଯଦିଚ ସେମାନେ ସ୍ୱୟଂ ତ' କହୁ ନାହାନ୍ତି କିନ୍ତୁ ସେମାନେ ଏଭଳି ଲୋକମାନଙ୍କର ପ୍ରଶଂସକ ଓ ଅନୁଗାମୀ ଅଟନ୍ତି ଯେଉଁମାନେ ଆମମାନଙ୍କୁ କାଫିର ଓ ଦଜ୍ଜାଲ କହନ୍ତି । ତେବେ ଏପରି ଲୋକମାନଙ୍କ ସହିତ ଆମ ଜମାଅତର ନୂତନ ସଂପର୍କ ସ୍ଥାପନ କରିବାର କୌଣସି ଆବଶ୍ୟକତା ନାହିଁ । ଏହି କଥା ସ୍ମରଣ ରହୁ ଯେ, ଯେଉଁ ବ୍ୟକ୍ତି ଏପରି ଲୋକମାନଙ୍କୁ ପରିତ୍ୟାଗ କରିପାରିବ ନାହିଁ ତେବେ ସେ ଆମ ଜମାଅତରେ ତ ସାମିଲ ହେବା ଯୋଗ୍ୟ ନୁହେଁ । ସୁତରାଂ ଯେପର୍ଯ୍ୟ ଜଣେ ବ୍ୟକ୍ତି ପବିତ୍ରତା ଓ ସତ୍ୟତା ପାଇଁ ନିଜ ଭାଇକୁ ପରିତ୍ୟାଗ କରି ନାହିଁ ଓ ନିଜ ପିତା ଠାରୁ ପୃଥକ ହୋଇ ନାହିଁ ସେପର୍ଯ୍ୟନ୍ତ ସେ ଆମମାନଙ୍କ ମଧ୍ୟରୁ ନୁହଁ । ତେଣୁ ସମସ୍ତ ଜମାଅତ ଧ୍ୟାନପୂର୍ବକ ଶୁଣିରଖନ୍ତୁ ଯେ, ସତ୍ୟବାଦୀ ନିମନ୍ତେ ଏହି ସମସ୍ତ ସର୍ତ୍ତାବଳୀଗୁଡ଼ିକୁ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ମୁଁ ଏହି ବ୍ୟବସ୍ଥା କରିଛି ଯେ, ଆଗାମୀ ଦିନମାନଙ୍କରେ ବିଶେଷ କରି ମୋ ହାତରେ ଗୁପ୍ତ ରୂପେ ଅର୍ଥାତ "Confidential" ଏକ ପୁସ୍ତକ ରହିବ । ଯହିଁରେ ଆମ ଜମାଅତର ବିବାହ ଯୋଗ୍ୟ ବାଳକ ବାଳିକାମାନଙ୍କର ନାମ ଉଲ୍ଲେଖ ଥିବ । ଅତଏବ ଯଦି କୌଣସି ଅଭିଭାବକ ନିଜ କନ୍ୟା ନିମନ୍ତେ ନିଜ କୁଟୁମ୍ବରେ ଯୋଗ୍ୟ ବର ନପାଆନ୍ତି, ଯିଏକି ଆମ ଜମାଅତର ହୋଇଥିବ, ସତ୍‌ଚରିତ୍ର, ସଦାଚାରୀ ତଥା ଝିଅର ସମସ୍କନ୍ଧ ହୋଇଥିବ । ସେହିପରି ଯଦି ବର ପକ୍ଷକୁ ନିଜ ପୁତ୍ର ପାଇଁ ଯୋଗ୍ୟ କନ୍ୟା ମିଳନ୍ତି ନାହିଁ ତେବେ ସେହି ପରିସ୍ଥିତିରେ ସେମାନଙ୍କ ଉପରେ ଏହା ଅନିର୍ବାର୍ଯ୍ୟ ହେବ

ଯେ, ସେମାନେ ଆମକୁ ଅନୁମତି ପ୍ରଦାନ କରନ୍ତୁ ଯେ, ଆମେମାନେ ଜମାଅତରୁ ସେମାନଙ୍କ ପାଇଁ କନ୍ୟା ଖୋଜିବୁ ଓ କନ୍ୟା ପାଇଁ ବର ଖୋଜିବୁ । ଅତଏବ ପ୍ରତ୍ୟେକ ଅଭିଭାବକଙ୍କୁ ଧୈର୍ଯ୍ୟ ରଖିବା ଉଚିତ । ଆମେମାନେ ଅଭିଭାବକମାନଙ୍କ ସହିତ ସହାନୁଭୂତି ପ୍ରଦର୍ଶନକାରୀ ତଥା ସମବେଦନା ଜ୍ଞାପନକାରୀଙ୍କ ପରି ସେହି ଉଭୟ ପକ୍ଷଙ୍କ ପାଇଁ ବର ଓ କନ୍ୟା ଖୋଜିଦେବୁ । ଆମେ ଯଥାସମ୍ଭବ ଏହି ଧ୍ୟାନ ରଖିବୁ ଯେ, ସେହି ପୁଅ କିମ୍ବା ଝିଅ ପାଇଁ ଯେଉଁ ପ୍ରସ୍ତାବ ଦେବୁ ତାହା ସମସ୍କନ୍ଧ ହୋଇଥିବେ କିମ୍ବା ସମବର୍ଗର ହୋଇଥିବେ କିମ୍ବା ଯଦି ସେମାନେ ସମସ୍କନ୍ଧ ହୋଇ ନଥିବେ ତେବେ ସେହି ବର କିମ୍ବା କନ୍ୟା ପକ୍ଷ ଏଭଳି ଜାତି ମଧ୍ୟରୁ ହୋଇଥିବେ ଯେଉଁମାନେ ପରସ୍ପର ମଧ୍ୟରେ ବନ୍ଧୁ ବାନ୍ଧିବାକୁ ପସନ୍ଦ କରୁଥିବେ । ଏହି କଥାକୁ ଅଧିକ ଗୁରତ୍ୱ ଦିଆଯିବ ଯେ, ସେହି ପୁଅ କିମ୍ବା ଝିଅ ସଦାଚାରୀ, ପୁଣ୍ୟବାନ ଏବଂ ଯୋଗ୍ୟ ହୋଇଥିବେ ଏବଂ ସୌଭାଗ୍ୟବତୀର ଲକ୍ଷଣ ମଧ୍ୟ ତା' ଠାରୁ ପ୍ରକାଶିତ ହେଉଥିବ । ଅତଏବ ଉକ୍ତ ପୁସ୍ତକଟିକୁ ଗୁପ୍ତ ରଖାଯିବ ଏବଂ କାଳକ୍ରମେ ଯେଉଁଭଳି ପରିସ୍ଥିତ ସୃଷ୍ଟି ହେବା ସେମାନଙ୍କୁ ସୂଚିତ କରିଦିଆଯିବ । ଯେପର୍ଯ୍ୟନ୍ତ କୌଣସି ଯୁବକ କିମ୍ବା ଯୁବତୀଙ୍କର ଯୋଗ୍ୟତା, ସମାନତା ମେଳଖାଇ ନାହିଁ ସେପର୍ଯ୍ୟନ୍ତ ସେମାନଙ୍କ ସଂପର୍କରେ କୌଣସି ପ୍ରକାରର ମତ ପ୍ରକାଶ କରାଯିବ ନାହିଁ । କେତେକ ଲୋକ ଆସି ଏହା ପଚାରି ନିଅନ୍ତି ଯେ, ଆଗେ ସେହି ପ୍ରସ୍ତାବ ଅର୍ଥାତ ବର ତଥା କନ୍ୟା ପକ୍ଷ ସଂପର୍କରେ ସୂଚିତ କର । ତେଣୁ ଆମ ନୈଷ୍ଠିକ ବ୍ୟକ୍ତିମାନଙ୍କ ପାଇଁ ଏହା ଅନିର୍ବାର୍ଯ୍ୟ ଯେ, ନିଜ ସନ୍ତାମାନଙ୍କ ନାମର ଏକ ସୂଚୀପତ୍ର ସହ ସେମାନଙ୍କର ବୟସ, ବର୍ଗର ସମୁଚିତ ବିବରଣୀ ପ୍ରେରଣ କିର ଦିଅନ୍ତୁ । ଯଦ୍ୱାରା ଏହି ସମସ୍ତ ତଥ୍ୟ ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇ ପାରିବ ।

(ମଜମୁଆଁ ଇସ୍ତହାରାତ୍, ଭାଗ - ୩, ପୃ - ୫୦,୫୧)

ଉପରୋକ୍ତ ଘୋଷଣାଟି ହଜରତ ମସିହ ମଉଦ [ଅ.ସ]ଙ୍କ ପକ୍ଷରୁ କରାଯାଇଥିଲା, ତଦନୁଯାୟୀ ମର୍କଜରେ ଏହି ରିଶତା ନାତା (ବିବାହ ଘଟସୂତ୍ର ବିଭାଗ) ବିଭାଗ ସ୍ଥାପିତ ହୋଇଛି ଏବଂ ପୃଥିବୀ ସାରା ଜମାଅତମାନଙ୍କରେ ମଧ୍ୟ ଏହି ବିଭାଗ ସ୍ଥାପନ ହୋଇଛି । କେତେକ ଲୋକେ ବିବାହ ଆଦି କାର୍ଯ୍ୟରେ ରୁଚି ରଖନ୍ତି, ତେଣୁ କରି ଜମାଅତ ତରଫରୁ ସେମାନଙ୍କ ଉପରେ ଏହି ଦାୟିତ୍ୱଟି ନ୍ୟସ୍ତ

କରାଯାଇଛି । ଅଲ୍ଲାଃତାଲାଙ୍କ କୃପାରୁ ଯୁବକ ଯୁବତୀଙ୍କ ବନ୍ଧୁଘର ମଧ୍ୟ ହୁଏ କିନ୍ତୁ ତଥାପି ଅନେକ କେତେକ ସମସ୍ୟା ଏବେବି ରହିଛି । ଅଲ୍ଲାଃତାଲା ସେହି ସମସ୍ତ ସମସ୍ୟାଗୁଡ଼ିକୁ ଦୂର କରନ୍ତୁ । କିନ୍ତୁ ତହିଁରେ ସେହି ଲୋକମାନଙ୍କ ପାଇଁ ମଧ୍ୟ ଆଶ୍ୱସ୍ତିକର ଉତ୍ତର ମଧ୍ୟ ରହିଛି ଯେ, ଯେଉଁ ଲୋକମାନେ ଏହା କହୁଛନ୍ତି ଯେ, ଆମକୁ ଜମାଅତ ବାହାରେ ବନ୍ଧୁଘର କରିବା ପାଇଁ ଅନୁମତି ପ୍ରଦାନ କରନ୍ତୁ । ଯଦିଚ ଏପରି ଲୋକମାନେ ଆମକୁ କାଫିର (ଅବିଶ୍ୱାସକାରୀ) ବୋଲି କହନ୍ତି ନାହିଁ କିମ୍ବା ଆମ ଉପରେ ଫତୱା ଦେଉ ନାହାନ୍ତି, କିନ୍ତୁ ଅହେମଦିମାନଙ୍କ ସହିତ ମିଳାମିଶା ଏବଂ ଉଠାବସା କରୁଛନ୍ତି, ସେମାନଙ୍କ ହଁରେ ହଁ ମିଳାଉଛନ୍ତି । ଭୟ ଯୋଗୁଁ ସେମାନେ କିଛି କହିପାରୁ ନାହାନ୍ତି । ଏମାନଙ୍କ ଦୁର୍ଗତି ଦେଖ ଯେ ଅହେମଦି ହୋଇ ସେମାନଙ୍କ ମସଜିଦ୍‌କୁ ଯାଉଛନ୍ତି, ସେମାନଙ୍କ କଥା ଶୁଣୁଛନ୍ତି, ତେବେ ଏଭଳି ଅହେମଦିମାନେ ସେହି ଅଣଅହେମଦିମାନଙ୍କ ମଧ୍ୟରେ ହିଁ ଅନ୍ତର୍ଭୁକ୍ତ । ତେଣୁ ସେମାନଙ୍କ ସହିତ ବନ୍ଧୁଘର କରିବା ଅନୁଚିତ ଅଟେ । ପୁନଶ୍ଚ ହଜରତ ମସିହ ମଉଦ[ଅ.ସ] କହିଲେ ଯେ, ମୁଁ ଆପଣମାନଙ୍କୁ ଯେପରି କିହିଲି ଯେ, ଆପଣମାନେ ନିଜ ପୁଅ ଝିଅମାନଙ୍କର ନାମ ରିଶତା ନାତା ବିଭାଗକୁ ପ୍ରେରଣ କରନ୍ତୁ । ଏହି ବିଭାଗଟି ପ୍ରତ୍ୟେକ ଜମାଅତରେ ସ୍ଥାପିତ ହୋଇଛି, ଲୋକାମାନେ ଏହି ବିଭାଗ ବିରୁଦ୍ଧରେ ଅଭିଯୋଗ ଆଣନ୍ତି ଯେ, ଏହି ବିଭାଗ ସେମାନଙ୍କ ପୁଅ, ଝିଅଙ୍କର ରିଶତା (ବନ୍ଧୁଘର) କରାଉ ନାହାନ୍ତି । ତେଣୁ ତହିଁରେ ଏକ ସମସ୍ୟା ରହିଛି ଏବଂ ତାହା ଏହିକି ଯେ, ଅଭିଭାବକମାନେ ନିଜ କନ୍ୟାମାନଙ୍କର ନାମ ତ' ପ୍ରେରଣ କରି ଦିଅନ୍ତି । କିନ୍ତୁ ପୁଅମାନଙ୍କର ନାମ ପ୍ରେରଣ କରନ୍ତି ନାହିଁ । ତେଣୁ ଯଦି ପୁଅ ମାଙ୍କର ତାଲିକା ତଥା ସୂଚୀପତ୍ର ସାଙ୍ଗରେ ରହିବ ତେବେ ଏହି କାର୍ଯ୍ୟ ଅଧିକ ସହଜ ହୋଇଯିବ । ପ୍ରାୟତଃ ଝିଅମାନଙ୍କର ସଂଖ୍ୟା ପୁଅମାନଙ୍କ ତୁଳନାରେ ଅଧିକ ହୋଇଥାଏ । ଏହା ଠିକ୍ କିନ୍ତୁ ଏହି ସଂଖ୍ୟାଟି ଏତେ ଅଧିକ ଅର୍ଥାତ ଝିଅମାନଙ୍କ ସଂଖ୍ୟା ଯଦି ୫୧/୫୨ ରହିଥାଏ ତେବେ ଯୁବକମାନଙ୍କର ସଂଖ୍ୟା ୪୮/୪୯ ମଧ୍ୟରେ ରହିଥାଏ । କିନ୍ତୁ ଜମାଅତ ନିକଟରୁ ଯେଉଁ କଓ୍ୱାଇଫ୍ (ତଥ୍ୟ) ହସ୍ତଗତ ହୋଇଥାଏ ତାହା ଏପରି, ଯଦି ୭/୮ ଜଣ ଝିଅଙ୍କର କଓ୍ୱାଇଫ୍ ହସ୍ତଗତ ହୁଏ । ତେବେ ତାହା ତୁଳନାରେ ମାତ୍ର ଜଣେ ଯୁବକର ତଥ୍ୟ ହିଁ ହସ୍ତଗତ ହୋଇଥାଏ ।

ତେଣୁ ଏପରି ସ୍ଥଳେ ରିଶତା କରିବା କିଭଳି ସମ୍ଭବ । ଅତଏବ ଉଭୟ ପକ୍ଷରୁ ଯଦି ବହୁ ସଂଖ୍ୟାରେ ଓ ସଂପୂର୍ଣ୍ଣ କଓ୍ୱାଇଫ୍ ଆସେ ତେବେ ରିଶତା କରାଇବାରେ ଦୁବିଧା ଘଟିବ ନାହିଁ । ବେଳେବେଳେ ପୁଅମାନଙ୍କର ବନ୍ଧୁଘର ପିତାମାତା ସ୍ୱୟଂ କରିବା ପାଇଁ ଚେଷ୍ଟା କରିଥାଆନ୍ତି । ସୁତରାଂ ବନ୍ଧୁଘର ପାଇଁ ନିକଟ ସଂପର୍କୀୟଙ୍କ କିମ୍ବା ପ୍ରିୟଜନଙ୍କ ବିବାହ ଯୋଗ୍ୟ ସନ୍ତାନମାନଙ୍କ ନାମ ତାଲିକା (କଓ୍ୱାଇଫ୍) ଜମାଅତକୁ ଉପଲବ୍ଧ କରାଇବା ଉଚିତ । ତେବେଯାଇ ପୁଅ ଓ ଝିଅମାନଙ୍କ ମଧ୍ୟରେ ସଠିକ ବରପାତ୍ର ଦେଖି ବନ୍ଧୁଘର କରାଯାଇପାରିବ । ତେଣୁ ଅଭିଭାବକମାନଙ୍କ ବ୍ୟତୀତ ଯୁବକମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ ଯେ, ସେମାନେ ଜମାଅତ ଭିତରେ ହିଁ ବନ୍ଧୁଘର କରନ୍ତୁ । ଯଦି ଭଲ ପୁଅ କିମ୍ବା ଝିଅ ନିଜର ନିକଟ ସଂପର୍କୀୟ କିମ୍ବା ପରିଜନଙ୍କ ମଧ୍ୟରେ ମିଳୁ ନାହିଁ ତେବେ ଜମାଅତର ବ୍ୟବସ୍ଥା ମାଧ୍ୟମରେ କରେଇବା ପାଇଁ ଚେଷ୍ଟା କରନ୍ତୁ । ପୁନଶ୍ଚ ଯେପରି ମୁଁ ପୂର୍ବେ କହିଲି ଯେ, କେତେକ ଲୋକମାନେ ବଂଶ, ଜାତି ଏବଂ ସୁନ୍ଦରତା ଆଦି ସମସ୍ୟାର ଚକ୍ରବ୍ୟୁରେ ପଡ଼ି ପ୍ରସ୍ତାବକୁ ଅସ୍ୱୀକାର କରି ଦିଅନ୍ତି ଏବଂ ଏହିପରି ଚକ୍ରବ୍ୟୁ ଏଭଳି ଛନ୍ଦି ହୋଇଯାଆନ୍ତି, ଯେ ଝିଅମାନଙ୍କ ବନ୍ଧୁଘର କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସୁତରାଂ ଜାତିଭେଦକୁ ସଂପୂର୍ଣ୍ଣ ରୂପେ ବର୍ଜନ କରନ୍ତୁ ।

ଏ ସଂକ୍ରାନ୍ତରେ ହଜରତ ମସିହ ମଉଦ[ଅ.ସ] କହନ୍ତି ଯେ, "ଏ ଯେଉଁ ବିଭିନ୍ନ ଜାତି ପ୍ରଥାର ପ୍ରସଙ୍ଗ ରହିଛି ତାହା କୌଣସି ଶିଷ୍ଟଚାର ନୁହେଁ ବରଂ ଅଲ୍ଲାଃତାଲା କେବଳ ଉପନାମ ସକାଶେ ଏହି ଜାତି ସୃଷ୍ଟି କରିଛନ୍ତି । ଆଜିକାଲି ତ' ମାତ୍ର ଚାରି ପିଢି ପରେ ପ୍ରକୃତ ଜାତିର ସନ୍ଧାନ ଲଗାଇବା ଅତ୍ୟନ୍ତ କଷ୍ଟକର ହୋଇଯାଇଥାଏ । ଜଣେ ଧର୍ମପରାୟଣ ବ୍ୟକ୍ତିର ଏହି କାର୍ଯ୍ୟ ନୁହେଁ ଯେ, ସେ ଜାତି ପ୍ରଥାର କଳହରେ ଲିପ୍ତ ହେଉ । ସୁତରାଂ ଅଲ୍ଲାଃତାଲା ଯେତେବେଳେ ନିର୍ଣ୍ଣୟ କରିଦେଇଛନ୍ତି ଯେ, ମୋ ନିକଟରେ ଜାତି କୌଣସି ପ୍ରମାଣ ନୁହେଁ ବରଂ ପ୍ରକୃତ ସମ୍ମାନ, ମର୍ଯ୍ୟାଦାର ଆଧାରଶୀଳା କେବଳ ଧର୍ମପରାୟଣତା ଅଟେ ।"

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହେବା ସଙ୍ଗେସଙ୍ଗେ ବିବାହ ଘଟସୂତ୍ର ସ୍ଥାପନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ, ସନ୍ତାନମାନଙ୍କର ବନ୍ଧୁଘର କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ପବିତ୍ର

କୁରଆନର ଆଦେଶାନୁଯାୟୀ ଅନାଥ, ବିଧବା ପ୍ରତ୍ୟେକଙ୍କର ବିବାହ କରେଇବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଜମାଅତର ବ୍ୟବସ୍ଥା ଓ ଲୋକମାନଙ୍କୁ ତଥା ସମାଜକୁ ମଧ୍ୟ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସମସ୍ତ ଅଭିଭାବକ ଯେଉଁମାନେ ଏଥି ସକାଶେ ଚିନ୍ତିତ । ଅଲ୍ଲାଃତାଲା ସମସ୍ତଙ୍କର ଚିନ୍ତାକୁ ଦୂରୀଭୂତ କରନ୍ତୁ । ଆମିନ୍ ।

★★★★★

ସୁତରାଂ ଯଦି ଅନ୍ଧାରରୁ ବାହାରିବାର ଅଛି ଏବଂ (ଆଧାତ୍ମିକ) ପ୍ରକାଶ ପ୍ରାପ୍ତ କରି ଯୁଗାବତାରଙ୍କ ହସ୍ତରେ ବୈଅତ କରିବାର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଚାହୁଁଛ ତେବେ ସାଂସାରିକ କାମନା ଓ ଲାଳଷାକୁ ପରିହାର କରିବାକୁ ହେବ ।

ସୁଖଦୁଃଖ ମଣିଷ ସହିତ ଲାଗି ରହିଛି ଏବଂ ଏହି ଉଭୟ ବିଷୟ ଏପରି ଯାହାର କିଛି ସୀମା ଓ ବନ୍ଧନ ରହିଛି ।

ମେହନ୍ଦୀର ପ୍ରଥାରେ ଆବଶ୍ୟକ ଠାରୁ ଅଧିକ ଖର୍ଚ୍ଚ କରିବା ଓ ବଡ଼ ବଡ଼ ଭୋଜିର ଆୟୋଜନ କରିବାରୁ ଆମକୁ ନିବୃତ୍ତ ରହିବା ଉଚିତ୍ ।

ବିବାହ ଉତ୍ସବରେ ଅଯଥା ଖର୍ଚ୍ଚ କରିବା ଓ ନିଜ ବଡ଼ପଣି ତଥା ଧନୀ ହେବାର ଲୋକଦେଖାଣିଆ କାର୍ଯ୍ୟ କରିବା ଉଚିତ୍ ନୁହେଁ । କେତେକ ଲୋକ ଆଜିକାଲି ଆବଶ୍ୟକ ଠାରୁ ବଳି ଏହି ରୀତିପ୍ରଥାରେ ମାତି ଚାଲିଛନ୍ତି । କିନ୍ତୁ ବର୍ତ୍ତମାନ ମୁଁ ମୁକ୍ତ କଣ୍ଠରେ କହୁଛି ଯେ ଏହି ଅସଭ୍ୟ ଅପବିତ୍ର ପ୍ରଥାପରମ୍ପରାର ଅନୁକରଣ କରନ୍ତୁ ନାହିଁ, ଏସବୁ ବନ୍ଦ କରନ୍ତୁ ।

[ଖୁତବା ଜୁମା ହଜରତ ଅମିରୁଲ୍ ମୁମିନିନ୍ ହଜରତ ମିର୍ଜା ମସରୁର ଅହମଦ ଖଲିଫତୁଲ୍ ମସିହ ପଞ୍ଚମ[ଅ.ବ.ଅ] ପ୍ରଦତ୍ତ-୧୫ ଜାନୁଆରୀ ୨୦୧୦ ସ୍ଥାନ ମସଜିଦ୍ ବୈତୁଲ୍ ଫୁତୁହ୍, ଲଣ୍ଡନ]

أَشْهَدُ أَنْ لَّا إِلٰہَ اِلَّا اللّٰہُ وَحْدَہٗ لَا شَرِیکَ لَہٗ وَأَشْھَدُ أَنَّ مُحَمَّدًا عَبْدُہٗ وَ رَسُوْلُہٗ۔

أَمَّا بَعْدُ فَأَعُوْذُ بِاللّٰہِ مِنَ الشَّیْطٰنِ الرَّجِیْمِ- بِسْمِ اللّٰہِ الرَّحْمٰنِ الرَّحِیْمِ

اَلْحَمْدُ لِلّٰہِ رَبِّ الْعَالَمِیْنَ۔اَلرَّحْمٰنِ الرَّحِیْمِ۔مٰلِکِ یَوْمِ الدِّیْنِ۔ اِیَّا کَ نَعْبُدُ وَ اِیَّاکَ نَسْتَعِیْنُ۔

اِھْدِنَا الصِّرَاطَ الْمُسْتَقِیْمَ۔ صِرَاطَ الَّذِیْنَ اَنْعَمْتَ عَلَیْھِمْ غَیْرِالْمَغْضُوْبِ عَلَیْھِمْ وَلَاالضَّآلِّیْنَ ۔

فَاٰمِنُوْا بِاللّٰہِ وَرَسُوْلِہٖ وَالنُّوْرِ الَّذِیٓ اَنْزَلْنَا۔ وَاللّٰہُ بِمَا تَعْمَلُوْنَ خَبِیْرٌ (ତଗାବୁନ୍ 64:9)

ଅଲ୍ଲାଃତାଲାଙ୍କର ନିଜ ଭକ୍ତମାନଙ୍କ ଉପରେ ଅଶେଷ କୃପା ଯେ ମନୁଷ୍ୟକୁ ଶ୍ରେଷ୍ଠ ଜୀବର ମାନ୍ୟତା ପ୍ରଦାନ କରି ତାହାକୁ ଏଭଳି ବୁଦ୍ଧିଜ୍ଞାନ ପ୍ରଦାନ କରିଛନ୍ତି, ଯାହାକୁ ଉପଯୋଗ କରି ସେ ପ୍ରଭୁଙ୍କ ସୃଷ୍ଟ ଅନ୍ୟ ପ୍ରାଣୀ ଓ ସମସ୍ତ ଜୀବଜଗତକୁ ନିଜ ଅଧିନ କରିନେଇଛି । ବରଂ ସେମାନଙ୍କ ଠାରୁ ଉପକୃତ ହେଉଅଛି ଏବଂ ପ୍ରତ୍ୟେକ ଉଇଁଲା ସୂର୍ଯ୍ୟ ମଣିଷର ବୁଦ୍ଧିଜ୍ଞାନର ଦକ୍ଷତା ଯୋଗୁଁ ନୂଆ ନୂଆ ଆବିଷ୍କାର ଉଦ୍ଭାବନ ଲୋକଲୋଚନକୁ ଆଣି ଚାଲିଛି । ଯେଉଁ ସାଂସାରିକ ଉନ୍ନତି ଓ ବିକାଶ ଆଜି ଆମେ ହାସଲ କରିନେଇଛେ ତାହା ଆଜି ଠାରୁ ଦଶ ବର୍ଷ ପୂର୍ବେ ହୋଇ ନଥିଲା ଏବଂ ଯେଉଁ ଉନ୍ନତି ଆଜି ଠାରୁ ଦଶ ବର୍ଷ ପୂର୍ବେ ମଣିଷ ହାସଲ କରି ନେଇଥିଲା ତାହା ୨୦ବର୍ଷ ପୂର୍ବେ କଳନା ମଧ୍ୟ କରାଯାଇ ନଥିଲା । ଏହିପରି ଯଦି ଆମେ ଅତୀତକୁ ଯିବା ତେବେ ଆଜିର ନୂଆ ନୂଆ ଉଦ୍ଭାବନର ଗୁରୁତ୍ୱ ଓ ମଣିଷ ବୁଦ୍ଧି ଶକ୍ତିର ଦକ୍ଷତା ଅନୁମେୟ ହେବ । କିନ୍ତୁ କ'ଣ ଏହି ବିକାଶ ଯାହାକି ମଣିଷ ହାସଲ କରିଛି, ତାହା ହିଁ ମଣିଷ ଜୀବନର ଅସଲ ଉଦ୍ଦେଶ୍ୟ ? ପ୍ରତ୍ୟେକ ଯୁଗରେ ଜଣେ ସଂସାର ପ୍ରେମୀ ନିଜ ଉନ୍ନତି, ପରାକ୍ରମ, ବୈଭବ ଓ ସାଂସାରିକ ପ୍ରାଚୁର୍ଯ୍ୟରେ ନିମଜ୍ଜିତ ରହିବା, ନିଜର ଧନସମ୍ପତ୍ତିକୁ ନେଇ ନିଜଠାରୁ ନିମ୍ନ ସ୍ତର

ଲୋକଙ୍କୁ ହେୟଜ୍ଞାନ କରିବା, ନିଜ ଧନସମ୍ପତ୍ତିକୁ ନିଜ ଶାରୀରିକ ତୃପ୍ତିର ମାଧ୍ୟମ ମଣିବା, ନିଜ ଶକ୍ତି ମାଧ୍ୟମରେ ଅନ୍ୟକୁ ନିଜ ଅଧିନ କରିବାକୁ ଜୀବନର ଉଦ୍ଦେଶ୍ୟ ମଣିଥାଏ । ଅଥବା ଜଣେ ସାଧାରଣ ବ୍ୟକ୍ତି ଯାହା ନିକଟରେ ଧନସମ୍ପତ୍ତି ନାହିଁ, ସେ ମଧ୍ୟ ଏହିପରି ଚିନ୍ତା କରିଥାଏ । ବରଂ ଆଜିକାଲିର ଯୁବପିଢ଼ି ଯାହାଙ୍କର ଧର୍ମ ପ୍ରତି ଅଭିରୁଚି ନାହିଁ । କେବଳ ସଂସାର ଆଡ଼କୁ ଢ଼ଳି ଚାଲିଛନ୍ତି, ସେମାନେ ଏହା ମଣିଥାନ୍ତି ଯେ ଏହି ନୂତନ ଉଦ୍ଭାବନମାନ ଯଥା ଟି.ଭି, ଇଣ୍ଟରନେଟ୍ ଆଦି ଜିନିଷ ହିଁ ଆମ ଉନ୍ନତିର ପଥକୁ ସମତୁଲ କରିବ । ପୁଣି ସେମାନଙ୍କ ମଧ୍ୟରୁ ଅନେକ ଏସବୁ ଦ୍ୱାରା ପ୍ରଭାବିତ ମଧ୍ୟ ହୋଇଯାଇଥାନ୍ତି । ଅତଏବ ଏହା ଏକ ବିରାଟ ଭ୍ରମ ଧାରଣା । ଯାହାକି ବଡ଼ ବଡ଼ ଆତ୍ମସାତକାରୀ ଓ ଅନ୍ୟାୟୀ, ବ୍ୟଭିଚାରୀଙ୍କୁ ଜନ୍ମ ଦେଇଛି । ଏହି ଚିନ୍ତାଧାରା ହିଁ ଉଗ୍ରନୀତିବାଦୀ ଖ୍ରୀଷ୍ଟଧର୍ମୀ ସୃଷ୍ଟି କରିଛି ଏବଂ ଏହି ଚିନ୍ତାଧାରା ପ୍ରତ୍ୟେକ ଯୁଗରେ ଫିରଔନ୍ ସୃଷ୍ଟି କରିଛି । ଯେଉଁମାନେ କହିଥାନ୍ତି ଯେ ଆମ ନିକଟରେ ଶକ୍ତି ଅଛି, ଆମର ଧନରତ୍ନ ଅଛି, ଆମେ ସମସ୍ତ ପ୍ରକାରର ସାଂସାରିକ ଐଶ୍ୱର୍ଯ୍ୟର ଅଧିକାରୀ । କିନ୍ତୁ ଏହି ଚିନ୍ତାଧାରାର ମହିମାମୟ ପ୍ରଭୁ ଯେ ସମସ୍ତ ଜଗତର ପାଳନକର୍ତ୍ତା, ସୃଷ୍ଟିକର୍ତ୍ତା ବେଶ୍ ଦୃଢ଼ତାର ସହିତ ଅସ୍ୱୀକାର କରିଛନ୍ତି । ଅତଏବ ପରମେଶ୍ୱର କୁହନ୍ତି; ଯାହାକୁ ତୁମେ ନିଜ ଜୀବନର ଅସଲ ଉଦ୍ଦେଶ୍ୟ ମଣୁଛ, ବାସ୍ତବରେ ତାହା ତୁମ ଜୀବନର ଉଦ୍ଦେଶ୍ୟ ନୁହେଁ । ଆମ୍ଭେ ତୁମମାନଙ୍କୁ ଏଥି ସକାଶେ ସୃଷ୍ଟି କରି ନାହୁଁ ଯେ ତୁମେ ଏହି ସାଂସାରିକ ବସ୍ତୁରୁ ଉପକୃତ ହୋଇ ସଂସାରରୁ ବାହୁଡ଼ି ଆସିବ । ବରଂ ଅଲ୍ଲାଃତାଲା କହିଲେ;

وَ مَا خَلَقْتُ الجِنَّ وَ الاِنسَ اِلَّا لِيَعبُدُونِ

ଓ୍ୱମା ଖଲକ୍ତୁଲ୍ ଜିନ୍ନା ଓ୍ୱଲ୍ ଇନ୍ସା ଇଲ୍ଲା ଲିୟାବୁଦୁନ୍ (ଜାରିୟାତ୍ 51:57) ଅର୍ଥାତ ଆମ୍ଭେ ଜିନ୍ନ ଓ ମନୁଷ୍ୟକୁ କେବଳ ନିଜ ଉପାସନା ସକାଶେ ସୃଷ୍ଟି କରିଅଛୁ ।

ଏହି ପରିପ୍ରେକ୍ଷୀରେ ହ.ମସିହ ମଉଦ[ଅ.ସ] କୁହନ୍ତି, ମଣିଷକୁ ସୃଷ୍ଟି କରିବାର ଅସଲ ଉଦ୍ଦେଶ୍ୟ ଏହି କି ଯେ ସେ ନିଜ ପାଳନକର୍ତ୍ତାଙ୍କୁ ଚିହ୍ନୁ ଏବଂ ତାଙ୍କର ଆଜ୍ଞାକାରୀ ହେଉ ଯେପରିକି ଅଲ୍ଲାଃତାଲା କୁହନ୍ତି; ଓ୍ୱମା ଖଲକ୍ତୁଲ୍ ଜିନ୍ନା ଓ୍ୱଲ୍ ଇନସା ଇଲ୍ଲା ଲିୟାବୁଦୁନ୍ ଆମ୍ଭେ ଜିନ୍ନ ଓ ମନୁଷ୍ୟକୁ କେବଳ ନିଜ ଉପାସନା ସକାଶେ ସୃଷ୍ଟି କରିଅଛୁ । କିନ୍ତୁ ଦୁଃଖଦ ଅଧିକାଂଶ ଲୋକ ଜ୍ଞାନୀଗୁଣି ହେବା ସତ୍ତ୍ୱେ ନିଜ କର୍ତ୍ତବ୍ୟକୁ

ବୁଝିବା ଓ ନିଜ ଜୀବନର ଅସଲ ଉଦ୍ଦେଶ୍ୟକୁ ନିଜ ସମ୍ମୁଖରେ ରଖିବା ପରିବର୍ତ୍ତେ ସେମାନେ ସାଂସାର ପ୍ରାପ୍ତି ଆଡ଼କୁ ଢ଼ଳି ଚାଲିଛନ୍ତି । ସାଂସାରିକ ଐଶ୍ୱର୍ଯ୍ୟ, ଯଶଃ ଓ ମର୍ଯ୍ୟାଦାର ଏଭଳି ପାଗଳ ପ୍ରେମୀ ସାଜିଛନ୍ତି ଯେ ପ୍ରଭୁଙ୍କ ସ୍ଥାନ ଅଦୃଶ୍ୟ ହୋଇଯାଇଛି । ପୁଣି ଅନେକ ଲୋକମାନଙ୍କ ହୃଦୟରେ ତାହା ତ ଦେଖିବାକୁ ହିଁ ମିଳି ନଥାଏ । ସେମାନେ ସଂସାର ପ୍ରୀତିରେ ମାତି ନିଜକୁ ଶେଷ କରି ଦେଇଥାନ୍ତି । ସେମାନଙ୍କୁ ଖବର ନଥାଏ ଯେ ପରମେଶ୍ୱର ବୋଲି କୌଣସି ହସ୍ତି ଅଛନ୍ତି ।

(ମଲଫୁଜାତ୍ ଭାଗ - ୪ ପୃ - ୧୩୪)

ଏହି କଥା ପ୍ରତି ଯେ, ନିଜ ଜୀବନର ଲକ୍ଷ କିପରି ହାସଲ କରିବ । ପ୍ରଭୁଙ୍କ ଉପାସନା କିପରି ସମ୍ପାଦନ କରିବ, ପ୍ରଭୁ ଧରାପୃଷ୍ଠକୁ ଅବତାର ପ୍ରେରଣ କରିଥାନ୍ତି । ଯେ ନିଜ ଜାତିର ଲୋକମାନଙ୍କୁ ଉପାସନାର ପଦ୍ଧତି ଓ ଜୀବନର ଉଦ୍ଦେଶ୍ୟ ହାସଲ କରିବାର ମାର୍ଗ ଦର୍ଶାଇଥାନ୍ତି । ପୁନଶ୍ଚ ମଣିଷ ଯେତେବେଳେ ସମସ୍ତ ପ୍ରକାରର ବିଷୟ ବୁଝିବାକୁ ସକ୍ଷମ ହୋଇଗଲା । ତାହାର ବୁଦ୍ଧି ଶକ୍ତି ଉଜ୍ୱଳ ଓ ପୂର୍ଣ୍ଣ ବିକଶିତ କରିଦେଲେ । ଯଦ୍ୱାରା ସେ ଉପାସନାର ଉଚ୍ଚ ସ୍ତରକୁ ବୁଝି ପାରିଲା, ସାଂସାରିକ ଜ୍ଞାନ ହାସଲ କରିବାରେ ମଧ୍ୟ ଉନ୍ନତି କଲା, ନୂତନ ପଥ ଅତିକ୍ରମ କରିବା ଆରମ୍ଭ କଲା । ଏପରି ମନୁଷ୍ୟ ପରସ୍ପର ସହିତ ମିଳାମିଶା କରି ସାମାଜିକ ସ୍ତରରେ ମଧ୍ୟ ଉନ୍ନତି କରିବା ଆରମ୍ଭ କଲା । ସେତେବେଳେ ପରମେଶ୍ୱର ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କୁ ଶେଷ ଧର୍ମଗ୍ରନ୍ଥ ସହିତ ଅବତୀର୍ଣ୍ଣ କଲେ । ଯେ ଅଲ୍ଲାଃତାଲାଙ୍କ ଆଦେଶକ୍ରମେ ଏହା ଘୋଷଣା କଲେ,

اَلیَومَ اَکمَلتُ لَکُم دِینَکُم وَ اَتمَمتُ عَلَیکُم نِعمَتِی وَ رَضِیتُ لَکُمُ الاِسلَامَ دِینًا

ଅଲ୍‌ୟୋମା ଅକମଲ୍‌ତୁ ଲକୁମ୍ ଦିନକୁମ୍ ୱଅତ୍‌ମମ୍‌ତୁ ଅଲୈକୁମ୍ ନିମତି ୱରଜିତୁ ଲକୁମୁଲ୍ ଇସ୍‌ଲାମା ଦିନା (ମାଏଦାଃ 5:4) ଅର୍ଥାତ ଆମ୍ଭେ ତୁମମାନଙ୍କ ସକାଶେ ତୁମମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରିଅଛୁ ଏବଂ ତୁମମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସମ୍ପୂର୍ଣ୍ଣ କରିଅଛୁ ଏବଂ ତୁମମାନଙ୍କ ସକାଶେ ଇସଲାମକୁ ଧର୍ମ ରୂପେ ପସନ୍ଦ କରିଅଛୁ ଏବଂ ଏହି କୁରଆନ୍ ଦ୍ୱାରା (ଇସଲାମ) ଧର୍ମକୁ ସମ୍ପୂର୍ଣ୍ଣ କରିଦେଲୁ । ଏପରିକି ପ୍ରଭୁ ନିଜ ସାନିଧ୍ୟ ଲାଭ କରିବାର ମାର୍ଗ ମଧ୍ୟ ଦର୍ଶାଇ ଦେଲେ । ଉପାସନାର ଉଚ୍ଚ ସ୍ତର ହାସଲ କରିବାର ସୂତ୍ର ବତାଇଲେ । ସମାଜରେ ପରସ୍ପର ପ୍ରତି ଥିବା କର୍ତ୍ତବ୍ୟ ସମ୍ପାଦନ

କରିବାର ଶିକ୍ଷା ଦେଲେ । ଶତ୍ରୁ ସହିତ କିଭଳି ଆଚରଣ କରିବ, ବର୍ଣ୍ଣନା କଲେ । ସମାଜରେ ବସବାସ କରୁଥିବା ଦୁର୍ବଳ ଶ୍ରେଣୀର ଅଧିକାର ପ୍ରଦାନ କରିବାର ମାର୍ଗ ଦର୍ଶାଇ ଦେଲେ । ମହିଳାମାନଙ୍କ ଅଧିକାର ପ୍ରଦାନ କରିବାର ଉପାୟ କହିଲେ । ଆସନ୍ତାରେ ଯେଉଁ ନୂଆ ନୂଆ ଆବିଷ୍କାର, ଉଦ୍ଭାବନ ହେବ ସେଥିରୁ ଉପକୃତ ହେବାର ସୂତ୍ର ଦର୍ଶାଇ ଦେଲେ । ପୃଥିବୀ ଓ ଆକାଶ ଉଭୟରେ ଉପସ୍ଥିତ ସମସ୍ତ ବସ୍ତୁ ଯାହା ପର୍ଯ୍ୟନ୍ତ ମଣିଷ ବୁଦ୍ଧିଶକ୍ତି ପହଞ୍ଚି ପାରିଥାନ୍ତା, ତାହାକୁ ବୁଝିବାର ସାମାର୍ଥ୍ୟ ପ୍ରଦାନ କଲେ । ବସ୍ତୁତଃ ପ୍ରତ୍ୟେକ କଥାର ଗୂଢ଼ତତ୍ତ୍ୱ ବର୍ଣ୍ଣନା କରିଦେଲେ । ଯେଉଁ ପର୍ଯ୍ୟନ୍ତ ମଣିଷର ଜ୍ଞାନଶକ୍ତି ପହଞ୍ଚିବାକୁ ସକ୍ଷମ ଥିଲା ବରଂ ଆସନ୍ତାରେ ଯାହା ସବୁ ଆବିଷ୍କୃତ ହେବାକୁ ଥିଲା ସେଥିସମ୍ବନ୍ଧରେ ମଧ୍ୟ ଶିକ୍ଷା ଦେଲେ । ଯାହାକି ଆଜକୁ ୧୪୦୦ବର୍ଷ ପୂର୍ବେ ମଣିଷ ବୁଦ୍ଧିଜ୍ଞାନ ତାହାକୁ ନିଜ ପରିସରଭୁକ୍ତ କରିବା ଅସମ୍ଭବ ଥିଲା । ଯଦିଚ ସେତେବେଳେ ଏସବୁ ତଥ୍ୟ ପବିତ୍ର କୁରଆନରେ ବର୍ଣ୍ଣିତ କରିଦିଆ ଯାଇଥିଲା କିନ୍ତୁ ତାହାକୁ ବୁଝିବାରେ ଜଣେ ସାଧାରଣ ମଣିଷ ଅକ୍ଷମ ଥିଲା । କିନ୍ତୁ ସେସମସ୍ତ କଥାକୁ ପୁରୁଷୋତ୍ତମ ଓ ନବୀ ଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ଉଜ୍ଜ୍ୱଳ ମସ୍ତିସ୍କ ବୁଝି ପାରିଥିଲା । ସୁତରାଂ ସେ ଏକ ଏପରି ସମ୍ପୂର୍ଣ୍ଣ ପ୍ରକାଶ (ମାନବ) ଥିଲେ । ଯେ ପରମେଶ୍ୱରଙ୍କ ପ୍ରକାଶ ଦ୍ୱାରା ଉଜ୍ଜ୍ୱଳମୟ ହୋଇ ଯାଇଥିଲେ ଏବଂ ଯେ ନିଜ ସାହାବାମାନଙ୍କୁ ସେମାନଙ୍କ ସାମର୍ଥ୍ୟ ଅନୁଯାୟୀ ପ୍ରକାଶ ପ୍ରଦାନ କଲେ । ସେମାନଙ୍କୁ ଉପାସନାର ପଦ୍ଧତି ଶିଖାଇଲେ, ସେମାନଙ୍କୁ ଉପାସନାର ଉଚ୍ଚ ସ୍ତର ହାସଲ କରିବା ପ୍ରତି ଧ୍ୟାନ ଆକର୍ଷିତ କଲେ । ସେମାନଙ୍କୁ ତାଙ୍କ ଜନ୍ମର ରହସ୍ୟ ବୁଝାଇଲେ । ପୁନଶ୍ଚ ସାହାବାମାନେ ନିଜ ସାମର୍ଥ୍ୟାନୁଯାୟୀ ସେହି ଆଧ୍ୟାତ୍ମିକ ପ୍ରକାଶ ହଜରତ ମୁହମ୍ମଦ ସ.ଅଙ୍କ ଠାରୁ ହାସଲ କରି ଅନ୍ୟମାନଙ୍କୁ ପ୍ରଦାନ କରିବା ଆରମ୍ଭ କଲେ ଏବଂ ଗୋଟିଏ ଦୀପରୁ ଆଉ ଏକ ଦୀପ ପ୍ରଜ୍ୱଳିତ ହୋଇଚାଲିଲା । ଯାହାର କଳନା ସେତେବେଳର ଜଣେ ସାଧାରଣ ମଣିଷ କରିବା କଷ୍ଟକର ବ୍ୟାପାର ଥିଲା । ଏହା ମଧ୍ୟ ଦର୍ଶାଇ ଦେଲେ ଯେ ଏହି ପବିତ୍ର ଧର୍ମଗ୍ରନ୍ଥ ମାଧ୍ୟମରେ ପ୍ରଳୟ ଦିବସ ପର୍ଯ୍ୟନ୍ତ କାହିଁ କେତେ ପ୍ରଦୀପ ପ୍ରକାଶମୟ ହୋଇଚାଲିଯିବେ । ଆସନ୍ତା ଯୁଗରେ ମୋମିନ୍‌ମାନେ ଅଲ୍ଲାଃତାଲାଙ୍କର ସେହି କରୁଣାଗୁଡ଼ିକୁ ଦେଖିନେବେ । ଜଣେ ସଂସାରୀ ତ ଏସବୁ ଜିନିଷକୁ ସାଂସାରିକ ଦୃଷ୍ଟିରେ ଦେଖିବ କିନ୍ତୁ ଜଣେ ପ୍ରକୃତ

ମୋମିନ୍ ନିଜ ଜୀବନର ଉଦ୍ଦେଶ୍ୟର କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ତାହାକୁ ଏହି ଦୃଷ୍ଟିରେ ଦେଖିବ ଯେ ପ୍ରଭୁଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଆଜି ହିଁ ଏସବୁ ସୃଷ୍ଟି ହୋଇଛି । ମୋମିନ୍‌ର ଦୃଷ୍ଟି ସେହି ନବ ଉଦ୍ଭାବନ ଓ ସାଂସାରିକ ବସ୍ତୁରୁ କେବଳ ସାଂସାରିକ ଫାଇଦା ଉଠାଇ ନଥାଏ । ବରଂ ସେ ଜୀବନର ଲକ୍ଷକୁ ମର୍ମେମର୍ମେ ବୁଝି ସେହି ପ୍ରକାଶରୁ ଉପକୃତ ହେବା ପାଇଁ ଚେଷ୍ଟା କରିଥାଏ । ଯାହାକି ଅଲ୍ଲାଃତାଲାଙ୍କ ଅତି ପ୍ରିୟ ନବୀ ହଜରତ ମୁହମ୍ମଦ[ସ.ଅ] ନେଇ ଆସିଥିଲେ । ଯେପରି ଆଜକୁ ୧୪୦୦ବର୍ଷ ପୂର୍ବେ ଅଶିକ୍ଷିତ ଓ ଅନ୍ଧାର ଯୁଗର ପଥଭ୍ରଷ୍ଟ ଲୋକମାନେ ଏହି ନବୀଙ୍କ ଆଧ୍ୟାତ୍ମିକ ପ୍ରକାଶ ଦ୍ୱାରା ଉପକୃତ ହୋଇଥିଲେ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠୀତ ହୋଇଥିଲେ । ଏହିପରି ଏବେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଯେ କେହି ଏହି ରସୁଲ ଓ ଏହି ପବିତ୍ର ଧର୍ମଗ୍ରନ୍ଥ ସହିତ ନିଷ୍ଠାପର ସମ୍ପର୍କର ଡ଼ୋରି ବାନ୍ଧିବ ସେ ଅନ୍ଧାରରୁ ପ୍ରକାଶ ଆଡ଼କୁ ଅଗ୍ରସର ହୋଇଚାଲିବ ଏବଂ ଇହ ଓ ପରକାଳରେ ଅଲ୍ଲାଃତାଲାଙ୍କ ବୈକୁଣ୍ଠର ଅଧିକାରୀ ହେବ ।

ଅଲ୍ଲାଃତାଲା ଗୋଟିଏ ସ୍ଥାନରେ ଏଥିପ୍ରତି ଇଙ୍ଗିତ କରି କୁହନ୍ତି;

رَسُوْلًا يَّتْلُوْا عَلَيْكُمْ اٰيٰتِ اللّٰهِ مُبَيِّنٰتٍ لِّيُخْرِجَ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ مِنَ الظُّلُمٰتِ اِلَى النُّوْرِ۔ وَمَنْ يُّؤْمِنْ بِاللّٰهِ وَيَعْمَلْ صٰلِحًا يُّدْخِلْهُ جَنّٰتٍ تَجْرِىْ مِنْ تَحْتِهَا الْاَنْهٰرُ خٰلِدِيْنَ فِيْهَآ اَبَدًا۔ قَدْ اَحْسَنَ اللّٰهُ لَهٗ رِزْقًا۔

ରସୁଲଇଁ ୟତ୍‌ଲୁ ଅଲୈକୁମ୍ ଆୟାତିଲ୍ଲାହି ମୁବଇୟନାତିଲ୍ ଲିୟୁଖ୍‌ରିଜଲ୍ ଲଜିନା ଆମନୁ ଓ୍ୱ ଆମିଲୁସ୍ ସାଲିହାତି ମିନଜ୍ ଜୁଲୁମାତି ଇଲନ୍ ନୁର୍ । ଓ୍ୱମଇଁ ୟୁମିନ୍ ବିଲ୍ଲାହି ଓ୍ୱୟାମଲ୍ ସାଲିହଇଁ ୟୁଦ୍‌ଖିଲ୍‌ହୁ ଜନ୍ନାତିନ୍ ତଜରୀ ମିନ୍ ତହ୍‌ତିହଲ୍ ଅନ୍‌ହାରୁ ଖାଲିଦୀନା ଫିହା ଅବଦା । କଦ୍ ଅହ୍‌ସନଲ୍ଲାହୁ ଲହୁ ରିଜ୍‌କା (ତଲାକ୍ 65:12) ଅର୍ଥାତ ଆମ୍ଭେ ତୁମମାନଙ୍କ ନିକଟକୁ ରସୁଲ ପ୍ରେରଣ କରିଛୁ ଯେ ତୁମମାନଙ୍କୁ ଆମ୍ଭର ନିଦର୍ଶନମାନ ପାଠ କରି ଶୁଣାନ୍ତି ଯାହା (ପାପ ପୁଣ୍ୟକୁ) ପ୍ରକାଶିତ କରିଦିଏ, ଯାହା ଫଳରେ ଯେଉଁ ବିଶ୍ୱାସକାରୀମାନେ ନିଜ ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରନ୍ତି । ସେମାନେ ଅନ୍ଧକାର ମଧ୍ୟରୁ ବାହାରି ଆଲୋକ ମଧ୍ୟକୁ ଆସିଯାନ୍ତି ଏବଂ ଯେ କେହି ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରେ ଓ ତଦନୁଯାୟୀ କାର୍ଯ୍ୟ କରେ ସେ ତାହାକୁ ଏପରି ବୈକୁଣ୍ଠରେ

ପ୍ରବେଶ କରାଇବେ ଯାହାର ନିମ୍ନ ଦେଶରେ ଝରଣାମାନ ପ୍ରବାହିତ ହେଉଥିବ । ସେ ସେଠାରେ ସର୍ବଦା ରହିବେ । ଅଲ୍ଲାଃ ଏପରି ବ୍ୟକ୍ତିକୁ ଉତ୍ତମ ଜୀବିକା ପ୍ରଦାନ କରିଛନ୍ତି ।

ସୁତରାଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ଇଚ୍ଛୁକ ତ ହଜରତ ମୁହମ୍ମଦ ସ.ଅଙ୍କ ଉତ୍ତମ ଚରିତ୍ର ଓ ଆପଣଙ୍କ ଉପରେ ଅବତୀର୍ଣ୍ଣ ଶିକ୍ଷା ଅନୁଯାୟୀ କାର୍ଯ୍ୟ କରିବା ଅନିବାର୍ଯ୍ୟ । ଏହି ଶିକ୍ଷାର ଓ ହଜରତ ମୁହମ୍ମଦସ.ଅଙ୍କ ଉତ୍ତମ ଚରିତ୍ରର ଅନୁକରଣ ଦ୍ୱାରା ହିଁ ଜଣେ ଅନ୍ଧାରରୁ ପ୍ରକାଶ ଆଡ଼କୁ ଗତି କରି ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି କରିପାରିଥାଏ । ସେହି ପ୍ରକାଶରୁ ଭାଗ ନେବା ପାଇଁ ବିଶ୍ୱାସ ସ୍ଥାପନ କରିବା ସହିତ ଉତ୍ତମ କର୍ମ ସମ୍ପାଦନ କରିବା ସର୍ତ୍ତ ରଖିଛନ୍ତି । କେବଳ ବିଶ୍ୱାସ ଆଣିବା ଯଥେଷ୍ଟ ନୁହେଁ । ଜଣେ ମୋମିନ୍‌କୁ ଉତ୍ତମ କର୍ମ ସମ୍ପାଦନ କରିବା ପ୍ରତି ବିଶେଷ ମନଯୋଗ କରିବା ଉଚିତ୍ । ଅପକର୍ମରୁ ନିବୃତ୍ତ ରହିବା ମଧ୍ୟ ଜରୁରୀ । ଯେଉଁ ପଙ୍‌କ୍ତି ମୁଁ ପ୍ରାରମ୍ଭରେ ଆବୃତ୍ତି କରି ଆସିଲି ସେଥିରେ ପ୍ରଭୁ ସ୍ୱଷ୍ଟ ଭାବରେ ଦର୍ଶାଇ ଦେଇଛନ୍ତି, ଯେ ଅଲ୍ଲାଃ, ତାଙ୍କ ରସୁଲ ଓ ପବିତ୍ର ଧର୍ମଗ୍ରନ୍ଥ ଉପରେ ବିଶ୍ୱାସ ଆଣିବା ଦ୍ୱାରା ହିଁ ଜଣେ ଆଧ୍ୟାତ୍ମିକ ପ୍ରକାଶରୁ ଭାଗ ନେଇପାରିବ । ଅଲ୍ଲାଃତାଲା ମଣିଷର ପ୍ରତ୍ୟେକ କାର୍ଯ୍ୟ ଉପରେ ଲକ୍ଷ ରଖିଛନ୍ତି । ମନୁଷ୍ୟ ତାଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ କେଉଁ କାର୍ଯ୍ୟ ସମ୍ପାଦନ କରୁଅଛି, ରସୁଲଙ୍କ ବ୍ୟବହାର ଓ ଶିକ୍ଷା ଉପରେ କିଭଳି କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଅଛି । ନିଜ ବିଶ୍ୱାସର ଦାବି କେବଳ ମୁହଁରୁ ପ୍ରତୀତ ହେଉଛି ନା କାର୍ଯ୍ୟକଳାପରୁ । ସୁତରାଂ ଅଲ୍ଲାଃତାଲା ମଣିଷ ଉପରେ ଯେଉଁ ଉପକାର ଓ ଦୟା କରିଛନ୍ତି ଯେ ତାହାର ସବିଶେଷ ଉନ୍ନତି ସକାଶେ ଅବତାରଙ୍କୁ ପ୍ରେରଣ କଲେ ଯାହାଙ୍କ ଶିକ୍ଷାଦୀକ୍ଷାର ଅନୁକରଣ କରିବା ଦ୍ୱାରା ମଣିଷର ଇହ ଓ ପରକାଳ ଉଭୟ ସଫଳ ହୋଇଥାଏ । ତେବେ ସେହି ଲୋକମାନେ ଯେ ମୋମିନ୍ ହେବାର ଦାବି କରୁଛନ୍ତି, ତାଙ୍କର କିଭଳି କର୍ତ୍ତବ୍ୟ ଯେ ନିଜକୁ ଏହି ଶିକ୍ଷା ମଧ୍ୟରେ ଆୟତାଧିନ କରିବା ଯାହାକି ସମ୍ପୂର୍ଣ୍ଣ ଓ ସରଶ ସୁନ୍ଦର ଶିକ୍ଷା । ପୁଣି ଅଲ୍ଲାଃତାଲାଙ୍କର ଅପାର କରୁଣା وَآخَرِيْنَ مِنْهُمْ ଓ୍ୱଆଖରିନା ମିନ୍‌ହୁମ୍‌ର (ଜୁମା 62:4) ଖବର ଦେଇ ଆଶ୍ୱାସନା ଦେଲେ ଯେ ହଜରତ ମୁହମ୍ମଦସ.ଅ ଓ ପବିତ୍ର

କୁରଆନର ଆଶିଷ ଅର୍ଥାତ ଆଧ୍ୟାତ୍ମିକ ପ୍ରକାଶ ଚିରକାଳ ବିଦ୍ୟମାନ । ଅନ୍ଧାର ଯୁଗ ପରେ ହଜରତ ମୁହମ୍ମଦ ସ.ଅଙ୍କ ସଚ୍ଚୋଟ ପ୍ରେମୀ ଓ ଆପଣଙ୍କ ପ୍ରକାଶରୁ ସବୁଠାରୁ ଅଧିକ ଭାଗ ହାସଲକାରୀ ଇମାମ ଓ ପ୍ରତିଶୃତ ମସିହଙ୍କର ଆଗମନ ହେବ । ଯେ ପୁନର୍ବାର ଅନ୍ଧକାରରୁ ପ୍ରକାଶ ଆଡ଼କୁ ମାର୍ଗ ଦର୍ଶନ କରିବେ । ଆଗମନକାରୀ ପ୍ରତିଶୃତ ମସିହ ଓ ମେହଦୀ ପୁନର୍ବାର ଉମ୍ମତ (ଇସଲାମ)କୁ ଓ ବାକି ଲୋକମାନଙ୍କୁ ମଧ୍ୟ ଆସ୍ଥା ଓ ଅମଳଗତ ଅନ୍ଧକାରରୁ ବାହାରକୁ ବାହର କରିବେ । ଏବଂ ଯେ କେହି ତାଙ୍କ ସହିତ ନିଷ୍ଠାପର ସମ୍ପର୍କ ସ୍ଥାପନ କରିବ, ତାଙ୍କ ଆନୁଗତ୍ୟ ସ୍ୱୀକାର କରିବ, ଯେ ସାଂସାରିକ ମୋହମାୟାରୁ ରକ୍ଷା ପାଇବା ସକାଶେ ତାଙ୍କ ହସ୍ତରେ କରିଥିବା ଶପଥର ପାଳନ କରିବ ତେବେ ସେ ପ୍ରଭୁଙ୍କ କୃପା ଲାଭ କରି ତାଙ୍କ ବୈକୁଣ୍ଠର ସୁସମାଚାରର ଅଧରକାରୀ ହେବ ।

ସୁତରାଂ ଜଣେ ଅହେମଦିକୁ ଏକଥା ଶୁଣି ଯେଉଁସ୍ଥଳେ ଆଶ୍ୱସ୍ତି ମିଳିଥାଏ ସେହିସ୍ଥଳେ ଚିନ୍ତା ମଧ୍ୟ ଘାରିଥାଏ । ଯେ ନିଜର ଅନୁଶୀଳନ କରିବା ଆବଶ୍ୟକ । ସେହି ପ୍ରକାଶରୁ ଲାଭବାନ ହେବା ସକାଶେ ଅଲ୍ଲାଃତାଲା ପବିତ୍ର କୁରଆନରେ, يُؤْمِنْ بِاللّٰهِ وَيَعْمَلْ صَالِحًا ୟୁମିନ୍ ବିଲ୍ଲାହି ଓ୍ୱୟାମଲ୍ ସାଲିହନ୍‌ର (ତଗାବୁନ୍ 64:10) ସର୍ତ୍ତ ରଖିଛନ୍ତି । ଅଲ୍ଲାଃତାଲାଙ୍କ ଉପରେ ଆସ୍ଥା ରଖିବା ସହିତ ଉତ୍ତମ ଅମଳ ସମ୍ପାଦନ କରିବା ଜରୁରୀ । ସୁତରାଂ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ୍ ଯେ କେଉଁ କାର୍ଯ୍ୟ ଉତ୍ତମ ଓ କେଉଁଟି ମନ୍ଦକର୍ମ । କେତେକ ଛୋଟ ଛୋଟ କଥା ଘଟି ଯାଇଥାଏ ଉଦାହରଣସ୍ୱରୂପ ଖୁସି, ତେବେ ଦେଖିବାର ଅଛି ଯେ ଆମର ଆନନ୍ଦ ଉଲ୍ଲାସର ସୀମା କେଉଁ ପର୍ଯ୍ୟନ୍ତ ଏବଂ ଦୁଃଖ ପ୍ରକାଶ କରିବାର ସୀମା କେଉଁଠି । ସୁଖଦୁଃଖ ମଣିଷ ସହିତ ଲାଗି ରହିଛି ଏବଂ ଏହି ଉଭୟ ବିଷୟ ଏପରି ଯାହାର କିଛି ସୀମା ଓ ବନ୍ଧନ ରହିଛି ।

ଆଜିକାଲି ମୁସଲମାନମାନେ ଆନନ୍ଦ ଉଲ୍ଲାସ ଅବସରରେ ମଧ୍ୟ ଯୁଗର ପ୍ରଚଳନ ଅନୁଯାୟୀ ଭିନ୍ନ ଭିନ୍ନ କିସମର ପରମ୍ପରା ଓ କୁପ୍ରଥାର ପାଳନ କରିଚାଲିଛନ୍ତି । ସେହିପରି ଦୁଃଖଦ ପରିସ୍ଥିତିରେ ମଧ୍ୟ ଭିନ୍ନ ଭିନ୍ନ କିସମର ପରମ୍ପରା ଓ କୁପ୍ରଥାର ଅନୁକରଣ କରୁଛନ୍ତି । କିନ୍ତୁ ଜଣେ ଅହେମଦିକୁ ଏସବୁ କଥା ପ୍ରତି

ବିଶେଷ ଧ୍ୟାନ ରଖିବା ଜରୁରୀ ଯେ ସେ ଯାହା କରୁଅଛି ସେଥିରୁ ତାହାର କିଛି ନା କିଛି ହିତ ସାଧିତ ହେବା ଉଚିତ୍ । ତାହାର ପ୍ରତ୍ୟେକ ଅମଳ ଏଥିସକାଶେ ହେବା ଉଚିତ୍ ଯେ ଅଲ୍ଲାଃତାଲା ଓ ତାଙ୍କ ରସୁଲ ଯେଉଁ ସୀମା ନିର୍ଦ୍ଧାରଣ କରିଛନ୍ତି, ସେ ସେହି ସୀମା ମଧ୍ୟରେ ରହି ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବ ।

ମୁଁ ସୁଖଦୁଃଖର ଯେଉଁ ଚର୍ଚ୍ଚା କଲି ତେବେ ଖୁସି ମଧ୍ୟରେ ସବୁଠାରୁ ବଡ଼ ଖୁସି ବିବାହ ଅଟେ ଏବଂ ଏହା ମଣିଷର କର୍ତ୍ତବ୍ୟ । ଦେଖ ଯେତେବେଳେ ସାହାବାମାନେ କହିଲେ ଯେ ଆମେ ପ୍ରଭୁଙ୍କ ଉପାସନା ସକାଶେ ନିଜ ଜୀବନ ଏକାକି ଅତିବାହିତ କରିବୁ, ବିବାହ କରିବୁ ନାହିଁ ସେତେବେଳେ ହଜରତ ମୁହମ୍ମଦ[ସ.ଅ] ତାହାକୁ ଅପସନ୍ଦ କଲେ । ଆପଣ କହିଲେ ପୁଣ୍ୟକର୍ମ ଏହି କି ଯେ ମୋ ସୁନ୍ନତ ଓ ଇସଲାମୀୟ ଶିକ୍ଷା ଉପରେ ଅମଳ କର । ଦେଖ ମୁଁ ତ ବୈବାହିକ ଜୀବନ ଅତିବାହିତ କରୁଛି । ରୋଜା ବି ରଖୁଛି, ଉପାସନା ମଧ୍ୟ କରୁଛି ।

(ବୁଖାରୀ କିତାବୁନ୍ ନିକାହ୍ ହଦିସ୍ ସଂଖ୍ୟା - ୫୦୬୩)

ଆପଣଙ୍କ ଉପାସନାର ଯେଉଁ ଉଚ୍ଚ ସ୍ତର ରହିଥିଲା ତାହା ତ କେହି କଳନା ହିଁ କରିପାରିବେ ନାହିଁ । ଅତଃ ଏହା ମୁସଲମାନମାନଙ୍କ କର୍ତ୍ତବ୍ୟ ଯେ ଯଦି କୌଣସି କଟକଣା ନାହିଁ, ଅସୁବିଧା ନାହିଁ ତେବେ ନିଶ୍ଚିତ ବିବାହ କରିବା ଉଚିତ୍ । କିନ୍ତୁ ବିବାହ ଅବସରରେ କେତେକ କୁପ୍ରଥା ପାକିସ୍ତାନ ଓ ଭାରତରେ ପ୍ରଚଳିତ ଯାହାର ଇସଲାମୀୟ ଶିକ୍ଷା ସହିତ କୌଣସି ସମ୍ପର୍କ ନାହିଁ ।

ବର୍ତ୍ତମାନ କେତେକ ରୀତି ପରମ୍ପରାର ପାଳନ କରିବାରେ ଏଭଳି ଆଡ଼ମ୍ବର ପୂର୍ଣ୍ଣ ଆୟୋଜନ କରି ଖର୍ଚ୍ଚ କରାଯାଉଛି ଯେ ମନେ ହେଉଛି ଯେମିତି ଏସବୁ ଆୟୋଜନ କରିବା ବିବାହ ଅବସରରେ ଅନିବାର୍ଯ୍ୟ ଏବଂ ଏସବୁକୁ ବାଦ ଦେଇ ବାହାଘର ହୋଇ ପାରିବ ନାହିଁ ।

ଯେପରି ମେହନ୍ଦୀର ପ୍ରଥା । ଏହାକୁ ମଧ୍ୟ ବାହାଘର ପରି ଗୁରୁତ୍ୱ ଦିଆଯାଉଛି । ସେହି ଅବସରରେ ଭୋଜିଭାତ ମଧ୍ୟ ହୋଇଥାଏ । ଷ୍ଟେଜ୍ ସଜା ଯାଇଥାଏ ଏବଂ କେବଳ ଏତିକି ନୁହେଁ ବରଂ ଅନେକ ଦିନ ପର୍ଯ୍ୟନ୍ତ ଭୋଜିଭାତ ଜାରି ରହିଥାଏ । କେତେକ ସ୍ଥଳେ ବିବାହ ପୂର୍ବରୁ ଅନେକ ସପ୍ତାହ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିଥାଏ । ପ୍ରତିଦିନ ନୂଆ ନୂଆ ଷ୍ଟେଜ୍ ସଜା ଯାଇଥାଏ । ପୁଣି ତାହା ଉପରେ ଆଲୋଚନା

ଓ ପରାମର୍ଶ ହୋଇଥାଏ ଯେ ଆଜି କେତେ ଖାଇବା ପ୍ରସ୍ତୁତ କରାଯିବ । ଏସବୁ ରୀତିପ୍ରଥା ସ୍ୱଳ୍ପ ସମ୍ବଳ ଲୋକମାନଙ୍କୁ ମଧ୍ୟ ନିଜ ବଶିଭୂତ କରିନେଇଛି । ଏପରି ଲୋକମାନେ ପୁଣି କରଜର ବୋଝ ତଳେ ଦବି ଯାଇଥାନ୍ତି । ଅଣଅହେମଦିମାନେ ତ ଏସବୁ ପ୍ରଥାର ଅନୁକରଣ କରୁଥିଲେ କିନ୍ତୁ ବର୍ତ୍ତମାନ କେତେକ ଅହେମଦି ଘରମାନଙ୍କରେ ମଧ୍ୟ ଏହିସବୁ ଅପବିତ୍ର ଓ କୁପ୍ରଥାର ପ୍ରଚଳନ ଦେଖିବାକୁ ମିଳୁଅଛି । ଯୁଗାବତାରଙ୍କ କଥା ମାନି ଏସବୁ ଅପବିତ୍ର ପ୍ରଥାରୁ ନିବୃତ୍ତ ରହିବା ପରିବର୍ତ୍ତେ ସମାଜ ଓ ସଂସାର ପ୍ରେମୀମାନଙ୍କ ପଛ ଧରି ସେହି କୁପ୍ରଥାରେ କବଳିତ ହୋଇ ଚାଲିଛନ୍ତି ।

କିଛି ମାସ ପୂର୍ବେ ମୁଁ ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥିଲି ଯେ ମେହନ୍ଦୀର ପରମ୍ପରାରେ ଆବଶ୍ୟକ ଠାରୁ ବଳି ଖର୍ଚ୍ଚ କରିବା ଓ ବଡ଼ ବଡ଼ ଭୋଜିର ଆୟୋଜନ କରିବାରୁ ଆମକୁ ନିବୃତ୍ତ ରହିବା ଉଚିତ୍ । ସେହି ଦିନ ଏଠାରେ ଲଣ୍ଡନରେ ଜଣେ ଅହେମଦିଙ୍କ ଘରେ ମେହନ୍ଦୀର ନିମନ୍ତ୍ରଣ ଭୋଜି ଥିଲା । କିନ୍ତୁ ଯେତେବେଳେ ସେମାନେ ମୋର ଖୁତବା ଶୁଣିଲେ, ସଙ୍ଗେସଙ୍ଗେ ନିଜର କାର୍ଯ୍ୟକ୍ରମ Cancel କରିଦେଲେ ଏବଂ କନ୍ୟାର କିଛି ସାଥିମାନଙ୍କୁ ଡ଼ାକି ଖୁଆଇ ବିଦା କରିଦେଲେ ଏବଂ ବଳକା ଖାଦ୍ୟ 'ବୈଅତୁଲ୍ ଫୁତୁହ୍'ରେ ଅନୁଷ୍ଠିତ ଏକ Function (କାର୍ଯ୍ୟକ୍ରମ)କୁ ପଠାଇଦେଲେ । ତେବେ ଏପରି ଅହେମଦିମାନଙ୍କ ଧ୍ୟାନ ଆକର୍ଷିତ କଲେ ସେମାନେ ପ୍ରତିକ୍ରିୟା ପ୍ରଦର୍ଶନ କରିଥାନ୍ତି । ପୁଣି କ୍ଷମା ଯାଚନାର ପତ୍ର ମଧ୍ୟ ପ୍ରେରଣ କରିଥାନ୍ତି ।

କିନ୍ତୁ ମୋତେ କେତେକ ଅଭିଯୋଗ ମୂଳକ ପତ୍ର ପାକିସ୍ତାନ ଓ ରବୱାରୁ ହସ୍ତଗତ ହୋଇଛି ଯେ କେତେକ ଲୋକ ଆବଶ୍ୟକତା ଠାରୁ ବଳି ରୀତିପ୍ରଥା ପାଳନ କରୁଛନ୍ତି । ରବୱା ଯେହେତୁ ଏକ ଛୋଟ ସହର ସେଥିପାଇଁ ସେଠାରେ ସମସ୍ତ ବିଷୟ ସଙ୍ଗେସଙ୍ଗେ ଦୃଶ୍ୟମାନ ହୋଇଯାଇଥାଏ । ତେଣୁ ବର୍ତ୍ତମାନ ମୁଁ ମୁକ୍ତ କଣ୍ଠରେ କହୁଛି ଯେ ଏହି ଅସଭ୍ୟ ପ୍ରଥାପରମ୍ପରାର ଅନୁକରଣ କରନ୍ତୁ ନାହିଁ, ଏସବୁ ବନ୍ଦ କରନ୍ତୁ ।

ହଜରତ ମସିହ ମଉଦ[ଅ.ସ] ଏକଦା କହିଲେ, ଆମ ଜାତିରେ ଏହି କୁପ୍ରଥା ମଧ୍ୟ ପ୍ରଚଳିତ ଯେ ବିବାହ ଉତ୍ସବରେ ଶହସ୍ର ଟଙ୍କା ଅଯଥାରେ ଖର୍ଚ୍ଚ କରିଦେଇଥାନ୍ତି ।

(ମଜମୁଆ ଇଶତେହାର ଭାଗ - ୧ ପୃ - ୭୦)

ଆଜି ଠାରୁ ଶହେ ବର୍ଷ ପୂର୍ବେ ଅବା ତା'ଠାରୁ ଅଧିକ ବର୍ଷ ପୂର୍ବେ ଏଭଳି ରାଶି ଖର୍ଚ୍ଚ କରିବା ବହୁତ ବଡ଼ ଖର୍ଚ୍ଚାନ୍ତ ଥିଲା । କିନ୍ତୁ ଆଜିକାଲି ଶହସ୍ର କ'ଣ ଲକ୍ଷାଧିକ ଅର୍ଥ ଶ୍ରାଦ୍ଧ କରାଯାଉଛି ଏବଂ ନିଜ ସାମର୍ଥ୍ୟ ଠାରୁ ବଳି ଲୋକେ ଖର୍ଚ୍ଚ କରୁଛନ୍ତି । ଯାହାକି ସେହି ଯୁଗର ଶହସ୍ର ଟଙ୍କା ଠାରୁ ବର୍ତ୍ତମାନ ଅଧିକ ବଢିଚାଲିଛି, ଆପଣ କହିଲେ ଏପରିକି ବାଣ ଫୁଟାଇବା ମଧ୍ୟ ଅବୈଧ ଅଟେ ।

(ମଲଫୁଜାତ୍ ଭାଗ - ୫ ପୃ - ୪୯)

ବିବାହ ଅବସରରେ ବାଣ ଫୁଟା ଯାଉଛି । ବର୍ତ୍ତମାନ ଲୋକେ ବିବାହ ଉତ୍ସବରେ ନିଜ ଘରେ ଦୀପ ମଧ୍ୟ ଜାଳୁଛନ୍ତି ଏବଂ ଆବଶ୍ୟକତା ଠାରୁ ଅଧିକ କରିଚାଲିଛନ୍ତି । ପାକିସ୍ତାନରୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଏହି କଥା କହୁଛନ୍ତି, ଖବର କାଗଜରେ ମଧ୍ୟ ଏହା ହିଁ ପ୍ରକାଶ ପାଉଛି ଯେ ବିଦ୍ୟୁତ ଶକ୍ତି କମ୍ ହୋଇଗଲାଣି । ଅନେକ ଅନେକ ଘଣ୍ଟା ଧରି ବିଦ୍ୟୁତ ବନ୍ଦ ରହୁଛି । ନିରନ୍ତର ଭାବରେ ଦରବୃଦ୍ଧି ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗି ଦେଇଛି । ଅପର ପାର୍ଶ୍ୱରେ କିଛି ଘର ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରି କେବଳ ଦେଶର କ୍ଷତି ସାଧିତ କରୁ ନାହାନ୍ତି ବରଂ ପାପ ଅର୍ଜନ କରୁଛନ୍ତି । ସେଥିପାଇଁ ପାକିସ୍ତାନର ଅହେମଦିମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଯେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରହିବେ ଏବଂ ରବଓ୍ୱାର ଅହେମଦିମାନେ ବିଶେଷ ଭାବରେ ଏହାର ପାଳନ କରନ୍ତୁ । ରବଓ୍ୱାରେ ଏହା ସଦର ଅମୁମୀଙ୍କର କର୍ତ୍ତବ୍ୟ ଯେ ସେ ସ୍ୱୟଂ ଏହାର ତତ୍ତ୍ୱାବଧାନ କରନ୍ତୁ ଯେ, କିଏ ବିବାହ ଉତ୍ସବରେ ଅଯଥା ଖର୍ଚ୍ଚ କରୁଛି ଏବଂ ନିଜ ବଡ଼ପଣି, ଧନଶାଳୀ ହେବାର ଲୋକଦେଖାଣିଆ କାର୍ଯ୍ୟ କରୁଛନ୍ତି, ଯାହାକି ହେବା ଅନୁଚିତ । ଆମ ଜମାଅତ ଉପରେ ଅଲ୍ଲାଃତାଲାଙ୍କର ଅପାର କୃପା ଯେ ଦୁଃଖଦ ସମୟରେ ଯେଉଁ କୁପ୍ରଥାମାନ ପ୍ରଚଳିତ ରହିଛି, ସେଥିରୁ ଆମେ ନିବୃତ୍ତ ରହିଛେ । ଯେପରି ସାତଓାଁ, ଦଶଓାଁ, ଚାଲିଶଓାଁ ଏସବୁ ଅଣଅହେମଦିଙ୍କ କୁପ୍ରଥା ଯାହାକି ଆମେ ପାଳନ କରୁ ନାହେଁ । ଯେଉଁଥିରେ ଅଧିକାଂଶ ସମୟରେ ଘରଲୋକଙ୍କ ଉପରେ ଅଯଥା ବୋଝ ପଡ଼ିଥାଏ । କିନ୍ତୁ ସମାଜକୁ ଭୟ କରି ଯଦି ଏପରି କୁପ୍ରଥାରେ ଥରେ କବଳିତ ହୋଇଯିବ ତେବେ ଅନ୍ୟାନ୍ୟ ରୀତିପ୍ରଥାମାନ ମୁଣ୍ଡ ଟେକି ଉଠିବ ଏବଂ ସେହି ପ୍ରଥାମାନ ଏଠାରେ ମଧ୍ୟ ଦେଖିବାକୁ ମିଳିବା ଆରମ୍ଭ ହୋଇଯିବ ।

ସୁତରାଂ ପ୍ରତ୍ୟେକ ଅହେମଦିମାନଙ୍କୁ ନିଜ ଆସନ ଓ ସ୍ତରକୁ ବୁଝିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କର ତାହା ଉପରେ ବହୁତ ବଡ଼ ଦୟା ଯେ ସେ ତାକୁ ମସିହ ଓ ମେହଦୀଙ୍କ ଜମାଅତରେ ସାମିଲ ହେବାର ଶକ୍ତି ପ୍ରଦାନ କରିଛନ୍ତି । ବର୍ତ୍ତମାନ ତା'ର କର୍ତ୍ତବ୍ୟ ଯେ ସେ ଇସଲାମୀୟ ଶିକ୍ଷାର ଠିକ୍ ଠିକ୍ ଅନୁକରଣ କରୁ । ବିବାହ ଉତ୍ସବରେ ଯେପରି ଇସଲାମ ଆମକୁ ନିର୍ଦ୍ଦେଶ ଦେଇଛି, ସେଥିମଧ୍ୟରେ ହିଁ ଆମକୁ ପରିବେଷ୍ଟିତ ରହିବା ଉଚିତ୍ । ଯଦି ସାମର୍ଥ୍ୟ ଅଛି ତେବେ ଲୋକମାନଙ୍କୁ ଖାଇବା ପାଇଁ ନିମନ୍ତ୍ରଣ ଦେଇପାରିବେ । ଜରୁରୀ ନୁହେଁ ଯେ ପ୍ରତ୍ୟେକ ରାତ୍ରରେ ଅତିଥିମାନଙ୍କୁ ଡ଼ାକି ଭୋଜି କରାଇବା । ଯଦି ବର ପକ୍ଷ ଦୂରରୁ ଆସୁଛନ୍ତି ତେବେ କେବଳ ସେମାନଙ୍କ ପାଇଁ ହିଁ ଖାଇବା ପ୍ରସ୍ତୁତ କରାଯାଇପାରେ । କିନ୍ତୁ ଯଦି ଦେଶୀୟ ନିୟମ ଭୋଜି କରିବାକୁ ବାରଣ କରୁଛି ତେବେ ତାହାର ପାଳନ କରିବା ଉଚିତ୍ । ମାତ୍ର ଏକ ସ୍ତରରେ କେବଳ ନିଜ ପରିବାର ଅଥବା କେବଳ ବରଯାତ୍ରୀମାନଙ୍କ ପାଇଁ ଖାଇବାର ବ୍ୟବସ୍ଥା କରିବା ଉଚିତ୍ । କାରଣ ଏକଦା ପାକିସ୍ତାନରେ ଏପରି କଟକଣା ପ୍ରଣୟନ କରାଯାଇଥିଲା । ବର୍ତ୍ତମାନ କି ନିୟମ ରହିଛି ତାହା ମୋତେ ଜଣା ନାହିଁ, ତେବେ କିଛି ମାତ୍ରାରେ ତ କଟକଣା ଏବେସୁଦ୍ଧା ରହିଛି ।

ଦ୍ୱିତୀୟ ପର୍ଯ୍ୟାୟ ଓ୍ୱଲିମା କରିବା, ଯାହାକି ଅନିବାର୍ଯ୍ୟ ଅଟେ । ନିଜ ବନ୍ଧୁ ପରିଜନଙ୍କୁ ଆମନ୍ତ୍ରିତ କରି ତାଙ୍କୁ ଭୋଜନ କରାଇବା । ମୋଟାମୋଟି ଭାବରେ ଦେଖିଲେ ଇସଲାମ ବିବାହ ଉତ୍ସବରେ ଏହି ଆୟୋଜନ କରିବାର ହିଁ ନିର୍ଦ୍ଦେଶ ଦେଇଛି । କିନ୍ତୁ ତାହା ମଧ୍ୟ ଜରୁରୀ ନୁହେଁ ଯେ ଓ୍ୱଲିମା ବେଶ୍ ଆଡ଼ମ୍ବର ପୂର୍ଣ୍ଣ ହେବା ଉଚିତ୍ । ବରଂ ସାମର୍ଥ୍ୟାନୁଯାୟୀ ଲୋକମାନଙ୍କୁ ଡ଼ାକି ଭୋଜନ କରାଇ ପାରିବେ ।

ସୁତରାଂ ଯେପରି ମୁଁ କହିଲି, ଅଲ୍ଲାଃତାଲା ଆମକୁ ଆମ ଜନ୍ମର ଉଦ୍ଦେଶ୍ୟ ଦର୍ଶାଇଛନ୍ତି । ପ୍ରତ୍ୟେକ ସେହି କାର୍ଯ୍ୟ ଯାହାକି ପୁଣ୍ୟକର୍ମ ଏବଂ ପ୍ରଭୁଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦନ କରାଯାଇଥାଏ ତାହା ଉପାସନା ପାଲଟି ଯାଇଥାଏ । ଯଦି ଏକଥା ସ୍ମରଣ ରୁହେ ଯେ ଏହି କାର୍ଯ୍ୟ ଉପରେ ହିଁ ଆମ ଜୀବନ ନିର୍ଭରଶୀଳ ଏବଂ ଏତତ୍ ଦ୍ୱାରା ହିଁ ଆମେ କୁପ୍ରଥାରୁ ନିବୃତ୍ତ ରହିପାରିବା । ଅଯଥା ଖର୍ଚ୍ଚରୁ ମଧ୍ୟ ବର୍ତ୍ତିପାରିବା ଏବଂ ନିରର୍ଥକ କାର୍ଯ୍ୟରୁ ବର୍ତ୍ତି ରହିବା ତଥା ଅତ୍ୟାଚାରରୁ ମଧ୍ୟ ନିବୃତ୍ତ ରହିପାରିବା । ତେବେ ଏହି ଅତ୍ୟାଚାର ଦୁଇ ପ୍ରକାରର

ଗୋଟିଏ ପ୍ରକାଶ୍ୟ ଅତ୍ୟାଚାର ଯାହାକି ପ୍ରଭାବଶାଳୀ ଲୋକମାନେ କରିଥାନ୍ତି । ଆଉ ଗୋଟିଏ ଅଜାଣତରେ ଅଜ୍ଞାନତା ବଶତଃ ଏପରି କୁପ୍ରଥାର ମଣିଷ ଶିକାର ହୋଇ ନିଜ ଉପରେ ଅତ୍ୟାଚାର କରିବସିଥାଏ । ପୁଣି ସମାଜରେ ଏଭଳି ପ୍ରଥାକୁ ପ୍ରଚଳିତ କରି ଗରିବ ଲୋକମାନଙ୍କ ଉପରେ ଅତ୍ୟାଚାର କରିଥାନ୍ତି, ଯେଉଁମାନେ ମନେକରିଥାନ୍ତି ଯେ ସମ୍ଭବତଃ ଏସବୁ ପାଳନ କରିବା ଅନିର୍ବାର୍ଯ୍ୟ । ତେବେ ଯେଉଁ ସମାଜରେ ଏଭଳି ଅତ୍ୟାଚାର ଓ କୁପ୍ରଥାର ପ୍ରଚଳନ ହୋଇଥାଏ, ସେହି ସମାଜ ପରସ୍ପରର ଅଧିକାର ମଧ୍ୟ ଆତ୍ମସାତ କରିଥାଏ । ପୁନଶ୍ଚ ଯେପରି ମୁଁ କହିଲି ଏପରି ସମାଜରେ ଲୋକେ ପରସ୍ପର ଉପରେ ଅତ୍ୟାଚାର କରିଥାନ୍ତି । କିନ୍ତୁ ଯଦି ଆମେ ଏସବୁ ଜିନିଷରୁ ବର୍ତ୍ତି ରହିବା ତେବେ ଆମେ ପରସ୍ପରର ଅଧିକାର ମଧ୍ୟ ଆତ୍ମସାତ କରିବାରୁ ରକ୍ଷା ପାଇପାରିବା । ପରସ୍ପର ଉପରେ ଅତ୍ୟାଚାର କରିବାରୁ କେବଳ ରକ୍ଷା ପାଇପାରିବା ତାହା ନୁହଁ ବରଂ ଏଥିସହିତ ପ୍ରଭୁଙ୍କ ପ୍ରୀତିଭାଜନ ମଧ୍ୟ ଲାଭ କରିପାରିବା । ଆଜି ଅହେମଦିମାନଙ୍କ ଠାରୁ ବଳି ଏକଥା କିଏ ଆହ୍ୱାନ ଦେଉଛି ଯେ ଆମକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ଅନ୍ୟମାନଙ୍କ ଅଧିକାରର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍ । ଆଜି ଅହେମଦିମାନଙ୍କ ବ୍ୟତୀତ ଅନ୍ୟ କିଏ ଏହି ପ୍ରତିଜ୍ଞା କରିଛି, ଯେ ସମସ୍ତ ପ୍ରକାରର କୁପ୍ରଥା ଓ ସାଂସାରିକ କାମନା ବାସନାରୁ ନିବୃତ୍ତ ରହିବି । ଆଜି ଅହେମଦିମାନଙ୍କ ବ୍ୟତୀତ ଅନ୍ୟ କିଏ ଏହି ପ୍ରତିଜ୍ଞା କରିଛି ଯେ ପବିତ୍ର କୁରଆନର ଆଦେଶାନୁଯାୟୀ କାର୍ଯ୍ୟ କରିବି । ଆଜି ଅହେମଦିମାନଙ୍କ ବ୍ୟତୀତ ଅନ୍ୟ କିଏ ଏହି ପ୍ରତିଜ୍ଞା କରିଛି ଯେ ଅଲ୍ଲାଃ ଓ ରସୁଲଙ୍କ ନିର୍ଦ୍ଦେଶାବଳୀକୁ ନିଜ ଅଭ୍ୟାସରେ ପରିଣତ କରି ଦେଖାଇବ ।

ସୁତରାଂ ଯଦି ଅହେମଦି ହିଁ ଅଲ୍ଲାଃ, ରସୁଲ ଓ କୁରଆନର ପ୍ରକାଶରୁ ଉପକୃତ ହେବା ପାଇଁ ଯୁଗାବତାରଙ୍କ ହସ୍ତରେ ଏହି ପ୍ରତିଜ୍ଞା କରିଛନ୍ତି ଯାହାକି ବୈଅତର ସର୍ତ୍ତାବଳୀରେ ଅନ୍ତର୍ଭୁକ୍ତ ତେବେ ନିଜ ଶପଥର ପାଳନ କରିବା ଅନିବାର୍ଯ୍ୟ । ଏତତ୍ ଦ୍ୱାରା ଆମେ ନିଜକୁ କବଳିତ କରୁ ନାହେଁ, ବରଂ ଶୈତାନର ପଞ୍ଜାରୁ ନିଜକୁ ରକ୍ଷା କରୁଛେ । ଅଲ୍ଲାଃ ଓ ରସୁଲଙ୍କ ଆଦେଶ ପାଳନ କରି ଆମେ ନିଜ ସୁରକ୍ଷାର ବ୍ୟବସ୍ଥା କରୁଛେ । ନିଜ ବୁଝାବଣା ଓ ବୁଦ୍ଧିଜ୍ଞାନକୁ ଉଜ୍ଜ୍ୱଳିତ କରୁଛେ । ନିଜ ପବିତ୍ରତା ଓ ଲଜ୍ୟାର ସୁରକ୍ଷା କରୁଛେ । ତାହାର ସ୍ତର ବୃଦ୍ଧି କରୁଛେ । ଧୈର୍ଯ୍ୟ ଓ ସ୍ୱଳ୍ପରେ

ସନ୍ତୁଷ୍ଟ ହେବାର ସାମର୍ଥ୍ୟ ନିଜ ଭିତରେ ସୃଷ୍ଟି କରିବାକୁ ପ୍ରୟାସ କରୁଛେ । ନିଜ ଭିତରେ ଧର୍ମପରାୟଣତା ସୃଷ୍ଟି କରିବାକୁ ପ୍ରୟାସ କରୁଛେ । ନିଜ ବିଶ୍ୱାସକୁ ସୁଦୃଢ କରୁଛେ । ଅମାନତ୍‌ର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରୟାସ କରୁଛେ, ପ୍ରଭୁଙ୍କୁ ପ୍ରେମ ଓ ତାଙ୍କ ଆଡ଼କୁ ନିଷ୍ଠାପୂର୍ଣ୍ଣ ଭାବରେ ଆନତ ହେବାର ସ୍ତର ହାସଲ କରିବାକୁ ପ୍ରୟାସ କରୁଛେ । ଯଦ୍ୱାରା ଆମେ ଜୀବନକୁ ସାର୍ଥକ କରିପାରିବା, ନିଜ ଜୀବନର ଲକ୍ଷ ହାସଲ କରିପାରିବା । ସୁତରାଂ ଯଦି ଅନ୍ଧାରରୁ ବାହାରି ପ୍ରକାଶ ହାସଲ କରିବାର ଅଛି ଏବଂ ଯୁଗାବତାରଙ୍କ ବୈଅତର ସଠିକ୍ କର୍ତ୍ତବ୍ୟ ସମ୍ପାଦନ କରିବାର ଅଛି ତେବେ ସାଂସାରିକ ଚାଲିଚଳନକୁ ପରିହାର କରିବାକୁ ହେବ । ନିଜ ଅଭ୍ୟନ୍ତରରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବାକୁ ହେବ । ନିଜକୁ ଉତ୍ତମ ଆଚରଣର ସ୍ତର ନିର୍ଦ୍ଧାରଣ କରିବା ପାଇଁ ଚେଷ୍ଟିତ କରିବାକୁ ହେବ ।

ଲଜ୍ୟାର ସ୍ତର ଉଚ୍ଚ କରିବା ପ୍ରସଙ୍ଗରେ ମୁଁ ଆଲୋଚନା କରୁଥିଲି । ଲଜ୍ୟା ମଧ୍ୟ ଏକ ଏପରି ବିଷୟ ଯାହାକି ବିଶ୍ୱାସର ଅଂଶ ବିଶେଷ । ଆଜିକାଲି ନବ ଉଦ୍ଭାବନ ଯେପରିକି ମୁଁ ପ୍ରାରମ୍ଭରେ ଚର୍ଚ୍ଚା କରିଥିଲି, ଟି.ଭି ହେଲା ଅବା ଇଣ୍ଟରନେଟ୍ ଆଦି ଲଜ୍ୟାର ଇତିହାସକୁ ହିଁ ବଦଳାଇ ଦେଇଛନ୍ତି । ସେଥିରେ ସମ୍ପୂର୍ଣ୍ଣ ଅସଭ୍ୟ ଓ ନିର୍ଲଜତା ମୂଳକ କାର୍ଯ୍ୟକ୍ରମ ପରିବେଷଣ କରିବା ପରେ କୁହାଯାଉଛି ଯେ ଏସବୁ ନିର୍ଲଜତା ନୁହେଁ । ସୁତରାଂ ଜଣେ ଅହେମଦିର ଲଜ୍ୟାର ସ୍ତର ଏହା ହେବା ଉଚିତ୍ ନୁହେଁ, ଯାହାକି ଟି.ଭି ଓ ଇଣ୍ଟରନେଟ୍‌ରେ କେହି ଦେଖିଥାନ୍ତି । ବାସ୍ତବପକ୍ଷେ ନିଜ କାମନା ଓ ବାସନାରେ କବଳିତ ବ୍ୟକ୍ତି ହିଁ ସେସବୁ ଦେଖିଥାଏ । ପରଦା ନକରିବା ଅନେକ ଭଦ୍ର ଅହେମଦି ଘରଗୁଡ଼ିକୁ ମଧ୍ୟ ନଷ୍ଟ କରି ଦେଇଛି । ଆଧୁନିକ ଯୁଗରେ ବିକାଶ ଓ ଅଗ୍ରଗତି କରିବା ନାମରେ ଏପରି କଥା ଓ କାର୍ଯ୍ୟ କରାଯାଇଥାଏ, ଯାହାକି କୌଣସି ଭଦ୍ର ବ୍ୟକ୍ତି ଆଦୌ ଦେଖିପାରି ନଥାଏ, ଏପରିକି ସେ ପତିପତ୍ନୀ କାହିଁକି ନହୁଅନ୍ତୁ । କେତେକ ଏପରି ହରକତ୍ ଯାହାକି ଅନ୍ୟମାନଙ୍କ ସମ୍ମୁଖରେ କରାଯାଇଥାଏ ଯାହାକି ଅବୈଧ ନୁହେଁ ବରଂ ପାପର ଅନ୍ତର୍ଭୁକ୍ତ ହୋଇଥାଏ । ଯଦି ଅହେମଦି ଘରଗୁଡ଼ିକ ଏସବୁ ଅସଭ୍ୟ ଓ ଅପବିତ୍ର ଜିନିଷରୁ ପବିତ୍ର ନରୁହନ୍ତି ତେବେ ସେମାନେ କେବଳ ନିଜର ସେହି ପ୍ରତିଜ୍ଞାର ଅବମାନନା କରିବେ ନାହିଁ ବରଂ ନିଜ ବିଶ୍ୱାସକୁ ମଧ୍ୟ ନଷ୍ଟ କରିଦେବେ ଯାହାକି ସେମାନେ ଚଳିତ ଯୁଗରେ ଯୁଗାବତାରଙ୍କ ହସ୍ତରେ କରିଛନ୍ତି ।

ହଜରତ ମୁହମ୍ମଦ ସ.ଅଙ୍କର ସ୍ପଷ୍ଟଉକ୍ତି ରହିଛି ଯେ اَلْحَيَآئُ شُعْبَةٌ مِّنَ الْاِيْمَانِ ଅଲ୍‌ହୟାଓ ଶୁବତୁ ମିନଲ୍ ଇମାନି ଅର୍ଥାତ ଲଜ୍ୟା ବିଶ୍ୱାସର ଅଂଶ ବିଶେଷ ।

(ମୁସଲିମ୍ କିତାବୁଲ୍ ଇମାନ୍ ହଦିସ୍ ସଂଖ୍ୟା - ୫୯)

ସୁତରାଂ ପ୍ରତ୍ୟେକ ଅହେମଦି ଯୁବକଙ୍କୁ ଏକଥା ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ ଆଜିକାଲିର ଅସଭ୍ୟ ପ୍ରସାରଣକୁ ମିଡ଼ିଆରେ ଦେଖି ସେମାନଙ୍କ ଜାଲରେ କବଳିତ ହୋଇ ନଯାନ୍ତୁ । ନଚେତ୍ ବିଶ୍ୱାସକୁ ସ୍ୱହସ୍ତରେ ହରାଇ ବସିବେ । ଏସବୁ ଅସଭ୍ୟତାର ପ୍ରଭାବରେ ହିଁ ଲୋକେ ସମସ୍ତ ସୀମା ଲଙ୍ଘି ଯାଇଥାନ୍ତି । ଏଥିଯୋଗୁଁ କେତେକ ସଦସ୍ୟଙ୍କୁ ଜମାଅତରୁ ବହିସ୍କାରର ଦଣ୍ଡ ମଧ୍ୟ ଦେବାକୁ ପଡ଼ିଥାଏ । ତେଣୁ ସର୍ବଦା ଏକଥା ସ୍ମରଣ ରହୁ ଯେ ମୋର ପ୍ରତ୍ୟେକ କାର୍ଯ୍ୟ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ସମ୍ପାଦିତ ହେଉ ।

ଗୋଟିଏ ହଦିସ୍‌ରେ ଉଲ୍ଲେଖ ରହିଛି ହଜରତ ମୁହମ୍ମଦସ.ଅ କହିଲେ, ନିର୍ଲଜତା ପ୍ରତ୍ୟେକକୁ ଦୁର୍ଜନ କରିଦେଇଥାଏ । କିନ୍ତୁ ଲଜ୍ୟା ପ୍ରତ୍ୟେକ ଲଜ୍ୟାଶୀଳ ବ୍ୟକ୍ତିକୁ ସୁଜନ ଓ ଚରିତ୍ରବାନ ପାଲଟି ଦେଇଥାଏ ।

(ତିରମିଜି ହଦିସ୍ ସଂଖ୍ୟା - ୧୯୭୪)

ସୁତରାଂ ଏହି ସୌନ୍ଦର୍ଯ୍ୟତା ଯାହାକି ମଣିଷର ଅଭ୍ୟନ୍ତରରେ ସତ୍‌କର୍ମ କରିବାକୁ ଆହ୍ୱାନ ଦେଇଥାଏ । ଗୋଟିଏ ହଦିସ୍‌ରେ ବର୍ଣ୍ଣିତ ରହିଛି, ହଜରତ ମୁହମ୍ମଦସ.ଅ କହିଲେ ଯଦି ହୃଦୟରେ ଅଲ୍ଲାଃତାଲାଙ୍କ ଲାଜ ଥାଏ, ଯେପରିକି ତାଙ୍କୁ ଲାଜ କରିବା ଉଚିତ୍ । ସାହାବା ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ଅଲ୍ଲାଃତାଲାଙ୍କୁ ଲାଜ କରିବା ଯେ ଆମକୁ ଏହି ସ୍ୱଭାବ ପ୍ରଦାନ କରିଛନ୍ତି । ହଜରତ ମୁହମ୍ମଦସ.ଅ ପୁନଶ୍ଚ କହିଲେ; ଏପରି ନୁହେଁ । ବରଂ ଯେଉଁ ବ୍ୟକ୍ତି ଲାଜକୁରା ସେ ନିଜ ମସ୍ତକ ଓ ତହିଁରେ ରହିଥିବା ଭାବନାର ସୁରକ୍ଷା କରିବା ଉଚିତ୍ । ଅର୍ଥାତ ସେଥିରେ ଉତ୍ପନ୍ନ ହେଉଥିବା ଭାବନାର ସୁରକ୍ଷା କରିବା ଲଜ୍ୟା ଅଟେ । ସର୍ବଦା ନିଜ ମୃତ୍ୟୁ ଓ ପରୀକ୍ଷାକୁ ମନେରଖିବା ଉଚିତ୍ । ଯେଉଁ ବ୍ୟକ୍ତି ପ୍ରଳୟ ଦିବସରେ ନଜର ରଖିଥାଏ, ସେ ସାଂସାରିକ ଐଶ୍ୱର୍ଯ୍ୟ ପ୍ରାପ୍ତି ଭାବନାକୁ ପରିହାର କରି ଦେଇଥାଏ । ସୁତରାଂ ଯେଉଁ ବ୍ୟକ୍ତି ଏହି ଜୀବନ ଶୈଳୀ ଆପଣାଇଲା, ବାସ୍ତବ ପକ୍ଷେ ସେ ହିଁ ପ୍ରଭୁଙ୍କୁ ଲାଜ କଲା ।

(ତିରମିଜି ହଦିସ୍ ସଂଖ୍ୟା - ୨୪୫୮)

ହଜରତ ମୁହମ୍ମଦ[ସ.ଅ] କହିଲେ; ସୁତରାଂ ମନରେ ଉଙ୍କି ମାରୁଥିବା ପ୍ରତ୍ୟେକ ବ୍ୟଗ୍ରତାକୁ ଅଲ୍ଲାଃତାଲାଙ୍କ ଖାତିର ଲାଜ କରିବା ଉଚିତ୍ । ଯଦି କୌଣସି ମନ୍ଦଚିନ୍ତା ଉତ୍ପନ୍ନ ହୁଏ ତଥାପି ସେଥିରୁ ସଙ୍ଗେସଙ୍ଗେ ଓହରିଯିବା ଉଚିତ୍ । କ୍ଷମା ପ୍ରାର୍ଥନା ମାଧ୍ୟମରେ ତାହାକୁ ଦୂରେଇ ଦେବା ଉଚିତ୍ । ଯେତେବେଳେ ଚିନ୍ତାଧାରା ପବିତ୍ର ରହିବ ସେତେବେଳେ ଯାଇ ମଣିଷର ଅମଳ ମଧ୍ୟ ପବିତ୍ର ହୋଇଯିବ । ପୁନଶ୍ଚ ଏପରି ମନ୍ଦ ଜିନିଷ ସେହି ବ୍ୟକ୍ତି ଉପରେ କୌଣସି ପ୍ରଭାବ ପକାଇ ନଥାଏ । ଏହିପରି ମଣିଷ ରୋଜଗାରର ମଧ୍ୟ ବୈଧ ମାଧ୍ୟମ ଖୋଜିବା ଉଚିତ୍ । ପରିଶ୍ରମ କରି ଅର୍ଥ ଉପାର୍ଜନ କରିବା ପରିବର୍ତ୍ତେ ଅନ୍ୟର ଅର୍ଥ ଉପରେ ଲୋଲୁପ ଦୃଷ୍ଟି ରଖି ତାହାକୁ ହାତେଇବାକୁ ଚେଷ୍ଟା କରିବା ଅଥବା ଅସତ୍ ମାର୍ଗରେ ଉପାର୍ଜନ କରିବା । ପାକିସ୍ତାନରେ ଲାଞ୍ଚ ନେବା ଅତି ସାଧାରଣ କଥା । ମନେରଖିବା ଉଚିତ୍ ଯେ ଏସବୁ ବୈଧ ଅର୍ଥ ନୁହେଁ । ହଜରତ ମୁହମ୍ମଦ[ସ.ଅ] କହିଲେ ନିଜ ଉଦର ଓ ସେଥିରେ ଭରୁଥିବା ଖାଦ୍ୟର ମଧ୍ୟ ସୁରକ୍ଷା କର । ଅତଃ ବୈଧ ମାର୍ଗରେ ଅର୍ଥ ଉପାର୍ଜନ କରି ନିଜ ଓ ନିଜ ପରିବାରର ପୋଷଣ କର ଏବଂ ଏହିପରି ଲୋକମାନେ ହିଁ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଉପରେ ସଠିକ୍ ଆସ୍ଥା ରଖିଥାନ୍ତି ।

ହଜରତ ମସିହ ମଉଦ [ଅ.ସ]ଙ୍କର ଗୋଟିଏ ଦୁଆ ରହିଛି । ଈଶ୍ୱରଙ୍କୁ ପ୍ରାପ୍ତ କରିବାର ଗୋଟିଏ ଦୁଆ ଉଲ୍ଲେଖ ରହିଛି । ଆପଣ କୁହନ୍ତ;

ହେ ମୋର ପରାକ୍ରମୀ ପ୍ରଭୁ ! ହେ ମୋର ପ୍ରିୟ ମାର୍ଗଦର୍ଶକ ! ତୁମେ ମୋତେ ସେହି ମାର୍ଗ ଦେଖା ଯେଉଁ ମାର୍ଗରେ ପରିଚାଳିତ ହୋଇ ସତ୍ୟବାଦୀ ଓ ପବିତ୍ର ବ୍ୟକ୍ତିମାନେ ତୁମକୁ ଲଭି ନେଇଥାନ୍ତି । ଆମକୁ ସେହି ମାର୍ଗରୁ ରକ୍ଷା କର ଯାହାର ଲକ୍ଷ କାମାସକ୍ତ ଅଥବା ଈର୍ଷା ଅଥବା ଦ୍ୱେଷ ଅଥବା ସାଂସାରିକ କାମନା ଓ ଲୋଭ ଅଟେ ।

(ପୈଗାମେ ସୁଲହା ରୁହାନୀ ଖଜାଇନ୍ ଭାଗ - ୨୩ )

ସୁତରାଂ ଆମକୁ ଚେଷ୍ଟା କରିବା କଥା ଯେ ନିଜ ପ୍ରତିଜ୍ଞା ପୂରଣ କରି ନିଜ ବୈଅତ୍‌ର ବାସ୍ତବତାକୁ ବୁଝି ପ୍ରକୃତ ବିଶ୍ୱାସକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବା । ସର୍ବଦା ମନେରଖିବା ଉଚିତ୍ ଯେ ଆମେ ସେହି ନବୀଙ୍କ ଅନୁଗାମୀ ଯେ ଆମକୁ ସତ୍‌ମାର୍ଗ ଦେଖାଇଲେ । ଆମକୁ ଠିକ୍ ଓ ଭୁଲ୍ ମଧ୍ୟରେ ପାର୍ଥକ୍ୟ

ଦର୍ଶାଇଲେ । ଏହାପରେ ଯଦି ଆମେ ସଂସାରରେ ମାତି ସେହି କୁପ୍ରଥା ଓ ଅପବିତ୍ରତା ମୂଳକ ଶିକୁଳି ନିଜ ଗଳାରେ ପକାଇନେବା ତେବେ ନା ଆମେ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିପାରିବ ନା ଆଧ୍ୟାତ୍ମିକ ପ୍ରକାଶରୁ ଭାଗ ନେଇ ପାରିବା ।

ଐଶ୍ୱର୍ଯ୍ୟମୟ ପ୍ରଭୁ ପବିତ୍ର କୁରଆନର ଏକ ସ୍ଥାନରେ ହଜରତ ମୁହମ୍ମଦ ସ.ଅ.ଙ୍କ ପ୍ରସଙ୍ଗରେ କୁହନ୍ତି;

يَأْمُرُهُمْ بِالْمَعْرُوفِ وَيَنْهٰهُمْ عَنِ الْمُنْكَرِ وَيُحِلُّ لَهُمُ الطَّيِّبٰتِ وَيُحَرِّمُ عَلَيْهِمُ الْخَبٰٓئِثَ وَيَضَعُ عَنْهُمْ اِصْرَهُمْ وَالْاَغْلٰلَ الَّتِىْ كَانَتْ عَلَيْهِمْ

ୟାମୁରୁହୁମ୍ ବିଲ୍ ମାରୁଫ଼୍ ଓ୍ୱୟନ୍‌ହାହୁମ୍ ଅନିଲ୍ ମୁନ୍‌କରି ଓ୍ୱୟୁହିଲ୍ଲୁ ଲହୁମୁତ୍ ତୈଇବାତି ଓ୍ୱ ୟୁହରରିମୁ ଅଲୈହିମୁଲ୍ ଖବାଇସା ଓ୍ୱୟଜଉ ଅନ୍‌ହୁମ୍ ଇସରାହୁମ୍ ଓ୍ୱଲ୍ ଅଗ୍‌ଲାଲ୍ଲଲତି କାନତ୍ ଆଲୈହିମ୍ (ଆରାଫ଼୍ 7:158) ଅର୍ଥାତ ସେ ସେମାନଙ୍କୁ ପୁଣ୍ୟ କାର୍ଯ୍ୟ କରିବା ପାଇଁ ଆଦେଶ ଦିଅନ୍ତି ତଥା ସେମାନଙ୍କୁ ପାପ କାର୍ଯ୍ୟରୁ ନିବୃତ୍ତ ରଖନ୍ତି ଓ ସେମାନଙ୍କ ପାଇଁ ଶୁଦ୍ଧ ବସ୍ତୁଗୁଡ଼ିକୁ ଅବୈଧ କରନ୍ତି । ଏବଂ ସେମାନଙ୍କ ଉପରେ ଲଦା ହୋଇଥିବା ବୋଝ ଓ ସେମାନଙ୍କ ବେକରେ ପଡ଼ିଥିବା ଶିକୁଳିକୁ ଅପସାରଣ କରନ୍ତି ।

ଗଳାରେ ଯେଉଁ ଶିକୁଳି ପଡ଼ି ରହିଛି ସେ ତାହାକୁ ଓହ୍ଲାଇ ଦେଇଥାଏ । ଯାହାକି ପୂର୍ବବର୍ତ୍ତୀ ଗୋଷ୍ଠୀ ଓ ପୂର୍ବବର୍ତ୍ତୀ ପିଢିଙ୍କ ଗଳାରେ ପଡ଼ି ରହିଥିଲା, ନିଜ ଧର୍ମକୁ ପାଶୋରି ରୀତି ପରମ୍ପରାର ପାଳନ କରି ୟହୁଦି ଓ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିଜ ଗଳାରେ ଶିକୁଳି ପକାଇଥିଲେ । ବର୍ତ୍ତମାନ ସେହି ପ୍ରଚଳନ କେତେକ ମୁସଲମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଅଛି । ଯଦି ଆମ ଭିତରେ ତାହା ଦୃଶ୍ୟମାନ ହେଲା ତେବେ ଆମେ କିଭଳି ଦାବୀ କରିପାରିବା ଯେ ଆମେ ହିଁ ହଜୁର ସ.ଅ.ଙ୍କ ସନ୍ଦେଶ ସମଗ୍ର ପୃଥିବୀବାସୀଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ବହନ କରିଛୁ । ଅତଏବ ଆମମାନଙ୍କୁ ଏହି ଶିକୁଳି ନିଜ ଗଳାରୁ ଓହ୍ଲାଇବା ଅନିବାର୍ଯ୍ୟ ।

ସୁତରାଂ ଏହି କଥାକୁ ସର୍ବଦା ନିଜ ସମ୍ମୁଖରେ ରଖନ୍ତୁ ଯେ ଆମେ ସେହି ନବୀଙ୍କ ଅନୁଗାମୀ ଯେ ଆମମାନଙ୍କ ପାଇଁ ବୈଧ ଓ ଅବୈଧର ପାର୍ଥକ୍ୟ ଦର୍ଶାଇ ଧର୍ମ ପ୍ରସଙ୍ଗରେ ଅବାନ୍ତର ମନ୍ତବ୍ୟର ଶିକୁଳିକୁ ଆମ ଗଳାରୁ ଓହ୍ଲାଇ ଦେଲେ । କିନ୍ତୁ ଯେପରିକି ମୁଁ କହିଲି, ମୁସଲମାନମାନଙ୍କ ଦୁର୍ଭାଗ୍ୟ ଯେ ଏଭଳି ସ୍ୱଷ୍ଟ ଉପଦେଶାବଳୀ ରହିଥିବା ସତ୍ତ୍ୱେ ନିଜ ଗଳାରେ ଶିକୁଳିଗୁଡ଼ିକୁ ବହନ କରିଛନ୍ତି ।

କିନ୍ତୁ ଆମେ ଅହେମଦି ହଜରତ ମସିହ ମଉଦ ଅ.ସଙ୍କ ବୈଅତ କରିବା ପରେ ଏହି ବାସ୍ତବତାକୁ ଉତ୍ତମ ରୂପେ ବୁଝିପାରିଛେ ଯେ ଏହି ଶିକୁଳିକୁ ନିଜ ଗଳାରୁ କିପରି ଓହ୍ଲାଇ ପାରିବା । ପ୍ରଭୁଙ୍କ ଦୟା ଯେ କବର ନିକଟରେ ନତମସ୍ତକ ହେବାରୁ ଆମେମାନେ ବର୍ତ୍ତି ରହିଛେ, ସାଧୁ ସନ୍ଥଙ୍କ ପୂଜା କରିବାରୁ ନିବୃତ୍ତ ରହିଛେ । ଯଦିଚ କେତେକ ସ୍ଥାନରେ ଗୋଟିଏ ଅଧେ ଏପରି ଅଭିଯୋଗ ମିଳୁଅଛି । ସାଧାରଣତଃ ଅନେକ କୁପ୍ରଥାରୁ ଆମେ ବର୍ତ୍ତି ରହିଛେ, କିନ୍ତୁ ଯେପରିକି ମୁଁ କହିଲି; କିଛି ରୀତିପ୍ରଥା ଆମମାନଙ୍କ ମଧ୍ୟରେ ସ୍ଥାନ ପାଇଯାଇଛି । ଯଦି ଆମେ ସେସବୁ ପ୍ରତି ଅବହେଳା ପ୍ରଦର୍ଶନ କଲେ ତେବେ ଏହି ଫାନ୍ଦ ଆମ ଗଳାରେ ବାନ୍ଧି ହୋଇଯିବ । ଯାହାକି ଆମ ପ୍ରିୟ ମୁନିବ ଆମ ଗଳାରୁ ଓହ୍ଲାଇ ଫିଙ୍ଗିଛନ୍ତି ଏବଂ ଯାହାକୁ ସାମ୍ପ୍ରତିକ ଯୁଗରେ ହଜରତ ମସିହ ମଉଦଅ.ସ ଓହ୍ଲାଇ ଫିଙ୍ଗିବାକୁ ନର୍ଦ୍ଦେଶ ଦେଇଛନ୍ତି । ଯଦି ଆମେ ତାହାର ଅଣଦେଖା କଲେ ତେବେ ଆମେ ଧର୍ମ ଠାରୁ ଦୂରେଇ ଚାଲିଯିବା । ଏବେ ଏପରିସ୍ଥଳେ ଏହା ଗୋପନରହିତ ଯେ ଏସବୁର ବେଖାତିର କରୁଥିବା ବ୍ୟକ୍ତି ଜମାଅତରୁ ବହିସ୍କୃତ ହେବା ଯୋଗ୍ୟ ଅଟେ । କାରଣ ଜମାଅତ ସହିତ ତ ସେହିମାନେ ସଂଶ୍ଳିଷ୍ଟ ରହିପାରିବେ ଯେ ଆଧ୍ୟାତ୍ମିକ ପ୍ରକାଶରୁ ଭାଗ ନେଉଥିବେ । ଯେ ଅଲ୍ଲାଃ, ରସୁଲ ଓ ତାଙ୍କ ପବିତ୍ର ଧର୍ମଗ୍ରନ୍ଥରୁ ଭାଗ ନେଉଥିବେ । ଯେଉଁବ୍ୟକ୍ତି ଅଲ୍ଲାଃ, ରସୁଲ ଓ ତାଙ୍କ ପବିତ୍ର ଧର୍ମଗ୍ରନ୍ଥରୁ ଭାଗ ନିଏ ନାହିଁ ସେ ସେହି ପ୍ରକାଶରୁ ଭାଗ ନେଇ ନଥାଏ ଏବଂ ଯେ ସେହି ପ୍ରକାଶରୁ ଭାଗ ନେବା ପାଇଁ ପ୍ରୟାସ କରେ ନାହିଁ ତେବେ ସେ ବିଶ୍ୱାସରୁ ମଧ୍ୟ ଦୂରେଇ ଯାଇଥାଏ । ତେବେ ଏହା ତ ଏକ ଚକ୍ର ଯାହାକି ସକ୍ରିୟ ରହିଛି । ତେଣୁ ପ୍ରତିମୁହୂର୍ତ୍ତରେ ନିଜର ଅନୁଶୀଳନ କରିବା ଆବଶ୍ୟକ । ହଜରତ ମୁହମ୍ମଦସ.ଅ ଯେ କି ସ୍ୱୟଂ ଜଣେ ପ୍ରକାଶ ଥିଲେ ଏବଂ ଆକାଶ ମାର୍ଗରୁ ସେହି ପୂର୍ଣ୍ଣ ପ୍ରକାଶ ଆପଣଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା, ଏହି ଦୁଆ କରିଥିଲେ ଯେ ହେ ପ୍ରଭୁ ! ମୋ ହୃଦୟ ଓ ମୋର ଅଙ୍ଗପ୍ରତ୍ୟଙ୍ଗରେ ପ୍ରକାଶ ରଖିଦିଅ ।

(ବୁଖାରୀ ହଦିସ୍ ସଂଖ୍ୟା - ୬୩୧୬)

ଏହା ଅସଲରେ ଆମକୁ ହିଁ ଶିଖାଯାଇଛି ଯେ ପ୍ରତିମୁହୂର୍ତ୍ତରେ ନିଜ ଚିନ୍ତାଧାରା ଓ ନିଜ ଶରୀରର ପ୍ରତ୍ୟେକ ଅଙ୍ଗ ଅଲ୍ଲାଃତାଲାଙ୍କ ଶିକ୍ଷା ମୁତାବକ ବ୍ୟବହାରରେ ଆଣିବାକୁ ପ୍ରୟାସ କର ଏବଂ ଏଥି ସକାଶେ ଦୁଆ କର ଯେ ତୁମ ମନ ମସ୍ତିସ୍କରେ

ପବିତ୍ର ଚିନ୍ତାଧାରା ଉତ୍ପନ୍ନ ହେଉ ତଥା ତୁମ କାର୍ଯ୍ୟକଳାପ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ କରିବାକୁ ପ୍ରୟାସରତ ରହିଥାଉ ।

ଅଲ୍ଲାଃତାଲା ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ନିଜ ବିଶ୍ୱାସକୁ ସୁଦୃଢ଼ କରିନେଉ । ଅଲ୍ଲାଃତାଲା ଓ ତାଙ୍କ ରସୁଲଙ୍କ ଉପଦେଶାନୁଯାୟୀ ଅମଳ କରୁ । ରୀତି ପରମ୍ପରାରୁ ବର୍ଜି ରହିବା ସହିତ ସାଂସାରିକ କାମନା ଓ ବାସନା ତଥା ଅତ୍ୟାଚାରରୁ ଆମେଦୂରତା ରକ୍ଷାକାରୀ ସାବ୍ୟସ୍ତ ହେଉ । ଅଲ୍ଲାଃତାଲାଙ୍କ ପ୍ରକାଶରୁ ଆମେ ସର୍ବଦା ଭାଗ ନେଇ ଚାଲିଥାଉ । କଦାପି ଆମର କୌଣସି ତ୍ରୁଟି ସେଥିରୁ ଆମକୁ ବଞ୍ଚିତ ନରଖି ଦେଉ ।

★★★★★